

Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



Vol - 22 ✦ Issue No:69 ✦ 1 July 2026 (Wednesday) ✦ Rourkela ✦ Rs.2.00 ✦ Page -1 ✦ ୨୨ ବର୍ଷ ✦ ସଂଖ୍ୟା :୬୯ ✦ ୧ ଜୁଲାଇ ୨୦୨୬ (ବୁଧବାର) ✦ ରାଉରକେଲା ✦ ମୂଲ୍ୟ :ଟ.୨.୦୦ ✦ ପୃଷ୍ଠା-୬


# ସଚିନ ଅହିର ସିନ୍ଦେ ଶିବିରରେ ସାମିଲ : ଉଦ୍ଧବ ଠାକରେଙ୍କୁ ବଡ଼ ଝଟକା



ମୁମ୍ବାଇ,୩୦/୬: ମହାରାଷ୍ଟ୍ର ରାଜନୀତିରେ ଶିବସେନାକୁ ପୁଣି ଏକ ବଡ଼ ଝଟକା ଲାଗିଛି । ଦଳର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ସଚିନ ଅହିର ମଙ୍ଗଳବାର ଆନୁଷ୍ଠାନିକ ଭାବେ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଦଳରେ ସାମିଲ ହୋଇଛନ୍ତି । ୱର୍ଲିର ପୂର୍ବତନ ବିଧାୟକ ତଥା ଆଦିତ୍ୟ ଠାକରେଙ୍କ ଅତି ନିକଟତମ ସହଯୋଗୀ ଭାବେ ଜଣାଶୁଣା ଅହିର ସିନ୍ଦେ ଗୋଷ୍ଠୀରେ ଯୋଗ ଦେବା ସହ ମହାରାଷ୍ଟ୍ର ବିଧାନ ପରିଷଦର ଉପାଧ୍ୟକ୍ଷ ପଦ ପାଇଁ ନିଜର ନାମାଙ୍କନ ପତ୍ର ମଧ୍ୟ ଦାଖଲ କରିଛନ୍ତି । ସିନ୍ଦେଙ୍କ ପୁଅ ଶ୍ରୀକାନ୍ତ ସିନ୍ଦେ ଏହି ସୂଚନାକୁ ସ୍ପଷ୍ଟ କରିବା ସହ ଅହିରଙ୍କୁ ଦଳୀୟ ଉତରୀୟ ଓ ନାମାଙ୍କନ ପତ୍ର ଦିଆଯାଇଥିବା ପ୍ରକାଶ କରିଛନ୍ତି । ସଚିନ ଅହିର ପ୍ରଥମେ କଂଗ୍ରେସ ଓ ପରେ ଏନସିପିରୁ ରାଜନୀତି ଆରମ୍ଭ କରିଥିଲେ ମଧ୍ୟ ଆଦିତ୍ୟ ଠାକରେଙ୍କୁ ୱର୍ଲି ଆସନରୁ ଜିତାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ୨୦୨୨ ମସିହାରେ ଶିବସେନାରେ ହୋଇଥିବା ବଡ଼ ବିଭାଜନର ୪ ବର୍ଷ ପରେ ମଧ୍ୟ ଉଦ୍ଧବ ଠାକରେଙ୍କ ଶିବିରରେ ସଙ୍କଟ ଟଳିବାର ନାଁ ନେଉନାହିଁ । ଗତ ସପ୍ତାହରେ ହିଁ ଶିବସେନାର ୬ ଜଣ ଲୋକସଭା ସାଂସଦ ଦଳ ଛାଡ଼ି ସିନ୍ଦେଙ୍କ ଗୋଷ୍ଠୀରେ ସାମିଲ ହୋଇଥିଲେ । ଏହି ବଡ଼ ଧରଣର ଦଳ ବଦଳ ଶାସକ ମହାୟୁତି ମେଣ୍ଟରେ ଏକନାଥ ସିନ୍ଦେଙ୍କ ସ୍ଥିତିକୁ ଆହୁରି ମଜବୁତ କରିଛି । ଉପମୁଖ୍ୟମନ୍ତ୍ରୀ ଏହି ନୂଆ ସାଂସଦ ଓ ନେତାମାନଙ୍କ ଯୋଗଦାନକୁ ୨୦୨୨ ବିଦ୍ରୋହର 'ଦ୍ୱିତୀୟ ପର୍ଯ୍ୟାୟ' ବୋଲି କହିଛନ୍ତି ।

# ଭିଜିଲାନ୍ସ ଜାଲରେ ଭିମସାରର ଏଷ୍ଟାବ୍ଲିସମେଣ୍ଟ ଅଫିସର



## ଧନୁର୍ଦ୍ଧରଙ୍କ ଘରୁ ମିଳିଲା ନଗଦ ୧୯ ଲକ୍ଷ ୭୨ ହଜାର ଟଙ୍କା

ସମ୍ବଲପୁର,୩୦/୬(ନି/ପ୍ର): ଆୟବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଭିମସାର ବୁର୍ଲାର ଏଷ୍ଟାବ୍ଲିସମେଣ୍ଟ ଅଫିସର-କମ୍-ଅଫିସ୍ ସୁପରିଟେଣ୍ଡେଣ୍ଟ ଧନୁର୍ଦ୍ଧର ବିଶ୍ୱାଳଙ୍କ ବିଭିନ୍ନ ଠିକଣାରେ ଚାଲିଥିବା ଭିଜିଲାନ୍ସ ଚଢ଼ାଉ ବେଳେ ବିପୁଳ ପରିମାଣର ସମ୍ପତି ଠାବ ହୋଇଛି । ଭିଜିଲାନ୍ସ ସୂତ୍ର ଅନୁଯାୟୀ, ଏପର୍ଯ୍ୟନ୍ତ ହୋଇଥିବା ଚଢ଼ାଉରେ ଶ୍ରୀ ବିଶ୍ୱାଳ ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ଥିବା ୨ଟି କୋଠା, ୨୦ଟି ମୂଲ୍ୟବାନ ପ୍ଲଟ୍, ନଗଦ ୧୯ ଲକ୍ଷ ୭୨ ହଜାର ୪୯୦ ଟଙ୍କା ସମେତ ଅନେକ ସମ୍ପତି ଠାବ କରାଯାଇଛି । ଠାବ ହୋଇଥିବା ସମ୍ପତି ମଧ୍ୟରେ ଧନକଉଡାଠାରେ ପ୍ରାୟ ୧୬୫୦ ବର୍ଗଫୁଟର ଏକ ଦୁଇ ମହଲା ବାସଭବନ ଓ ଗୁଡେସିଙ୍ଗାରେ ଆଉ ଏକ କୋଠା ରହିଛି । ଏହାଛଡ଼ା ସମ୍ବଲପୁର ସହର ଉପକଣ୍ଠରେ ଥିବା ୨୦ଟି ମୂଲ୍ୟବାନ ଜମି ପ୍ଲଟ୍ ମଧ୍ୟ ଚିହ୍ନଟ କରାଯାଇଛି । ଭିଜିଲାନ୍ସର ବୈଷୟିକ ବିଭାଗ ପକ୍ଷରୁ ଏହି କୋଠା ଓ ପ୍ଲଟ୍‌ଗୁଡ଼ିକର ମାପ ସହ ମୂଲ୍ୟାଙ୍କନ କାର୍ଯ୍ୟ ଜାରି ରହିଛି । ସେହିପରି ସୁନା ଅଳଙ୍କାରର ଓଜନ ନିର୍ଦ୍ଧାରଣ କରାଯାଉଥିବା ବେଳେ ବ୍ୟାଙ୍କ ଜମା, ଡାକଘର ସଞ୍ଚୟ ଓ ଅନ୍ୟାନ୍ୟ ଆର୍ଥିକ ବିନିଯୋଗର ତଥ୍ୟ ମଧ୍ୟ ସଂଗ୍ରହ କରାଯାଉଛି । ଚଢ଼ାଉ ସମୟରେ ଏକ ହାଇୱା ଟ୍ରକ୍, ଏକ ଚାରିଚକିଆ ଯାନ, ଦୁଇଟି ଟ୍ରାକ୍ଟର ଓ ତିନିଟି ଦୁଇଚକିଆ ଯାନ ମଧ୍ୟ ଠାବ ହୋଇଛି । ଭିଜିଲାନ୍ସର ଚଢ଼ାଉ ଅଭିଯାନ ଜାରି ରହିଥିବା ବେଳେ ଆଗାମୀ ରିପୋର୍ଟରେ ଅଧିକ ତଥ୍ୟ ସାମ୍ନାକୁ ଆସିବ ବୋଲି ଜଣାପଡ଼ିଛି । ପୂର୍ବ ସୂଚନା ଅନୁସାରେ,ଆୟବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଭିମସାର, ବୁର୍ଲାର-ଏଷ୍ଟାବ୍ଲିସମେଣ୍ଟ ଅଫିସର୍ କମ୍-ଅଫିସ୍ ସୁପରିଟେଣ୍ଡେଣ୍ଟ ଧନୁର୍ଦ୍ଧର ବିଶ୍ୱାଳଙ୍କ ୪ଟି ଠିକଣାରେ ସୋମବାର ସକାଳୁ ଏକକାଳୀନ ଚଢ଼ାଉ କରାଯାଇଥିଲା । ଶ୍ରୀ ବିଶ୍ୱାଳ ନିଜ ଆୟଠାରୁ ଅଧିକ ସମ୍ପତି ଠୁଳ କରିଥିବା ଅଭିଯୋଗର ତଦନ୍ତ ପାଇଁ ସମ୍ବଲପୁର ଭିଜିଲାନ୍ସ ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଚଢ଼ାଉ କରିଥିଲେ । ୨ ଜଣ ଡିଏସ୍ପି, ୫ ଜଣ ଇନ୍ସପେକ୍ଟର, ୩ ଜଣ ଏଏସ୍ଆଇ ଓ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କୁ ନେଇ ଗଠିତ ଭିଜିଲାନ୍ସ ଟିମ୍ ସମ୍ବଲପୁର ଜିଲ୍ଲାର ୪ଟି ସ୍ଥାନରେ ଚଢ଼ାଉ କରିଥିଲେ । ଚଢ଼ାଉ ହେଉଥିବା ସ୍ଥାନ, ୧.ଧନକଉଡାସ୍ଥିତ ଶ୍ରୀ ବିଶ୍ୱାଳଙ୍କ ଦୁଇ ମହଲା ବାସଭବନ । ୨.ସମ୍ବଲପୁର ଗୁଡେସିଙ୍ଗା ଅଂଚଳରେ ଥିବା ଏକ ଘର । ୩.ଭିମସାର, ବୁର୍ଲା ମେଡିକାଲ ଷ୍ଟାଫ୍ କଲୋନୀରେ ଥିବା ସରକାରୀ କ୍ୱାର୍ଟର । ୪.ଭିମସାର, ବୁର୍ଲାସ୍ଥିତ ତାଙ୍କ କାର୍ଯ୍ୟାଳୟ ଗୃହ । ଭିଜିଲାନ୍ସର ଚଢ଼ାଉ ଅଭିଯାନ ଜାରି ରହିଥିବା ବେଳେ ଆଗାମୀ ରିପୋର୍ଟରେ ଅଧିକ ତଥ୍ୟ ସାମ୍ନାକୁ ଆସିବ ବୋଲି ଜଣାପଡ଼ିଛି ।

# ଧୀରଜ ସେଠ୍ ହେଲେ ନୂଆ ସ୍ଥଳସେନା ମୁଖ୍ୟ



ନୂଆଦିଲ୍ଲୀ,୩୦/୬: ଭାରତୀୟ ସ୍ଥଳସେନାର ନୂଆ ମୁଖ୍ୟ ଭାବେ ଲେଫ୍ଟନାଣ୍ଟ ଜେନେରାଲ୍ ଧୀରଜ ସେଠ୍ ଦାୟିତ୍ୱ ଗ୍ରହଣ କରିଛନ୍ତି । ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ଅବସର ଗ୍ରହଣ କରିବା ପରେ କେନ୍ଦ୍ର ସରକାର ଧୀରଜ ସେଠଙ୍କୁ ଭାରତୀୟ ସ୍ଥଳସେନା ମୁଖ୍ୟ ଭାବେ ନିଯୁକ୍ତ କରିଛନ୍ତି । ସେ ଜୁନ୍ ୩୦ରୁ ୨୦୨୮ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଏହି ପଦରେ କାର୍ଯ୍ୟଭାର ସମ୍ଭାଳିବେ ।ଦାୟିତ୍ୱ ଗ୍ରହଣ ପୂର୍ବରୁ ଧୀରଜ ସେଠ୍ ଭାରତୀୟ ସେନାର ଉପାଧ୍ୟକ୍ଷ ଭାବେ କାର୍ଯ୍ୟରତ ଥିଲେ । ସେ ଚଳିତ ବର୍ଷ ଏପ୍ରିଲ୍ ୧ ତାରିଖରେ ସେନା ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ।ଲେଫ୍ଟନାଣ୍ଟ ଜେନେରାଲ୍ ଧୀରଜ ସେଠ୍ ଜାତୀୟ ପ୍ରତିରକ୍ଷା ଏକାଡେମୀ (ଏନ୍‌ଡିଏ), ଖଡକୱାସଲାର ପୂର୍ବତନ ଛାତ୍ର । ତାଙ୍କୁ ଡିସେମ୍ବର ୧୯୮୬ରେ ଆର୍ମର୍ଡ କୋରରେ କମିଶନ ପ୍ରଦାନ କରାଯାଇଥିଲା । ପ୍ରାୟ ଚାରି ଦଶନ୍ଧି ଧରି ସେ ବିଭିନ୍ନ ଭୂଖଣ୍ଡ ଓ ସଂଘର୍ଷପୂର୍ଣ୍ଣ ଅଂଚଳରେ ଦେଶସେବା କରି ଆସିଛନ୍ତି ।ନିଜର ଦୀର୍ଘ ସାମରିକ କ୍ୟାରିୟରରେ ଧୀରଜ ସେଠ୍ ମରୁଭୂମି ସେକ୍ଟରରେ ଏକ ଆର୍ମର୍ଡ ରେଜିମେଣ୍ଟର ନେତୃତ୍ୱ ନେଇଥିବା ବେଳେ ପଟିଆଲାସ୍ଥିତ ୯୮ ଆର୍ମର୍ଡ ବ୍ରିଗେଡର କମାଣ୍ଡ ମଧ୍ୟ କରିଛନ୍ତି । ଏହାଛଡ଼ା ଜମ୍ମୁ ଓ କାଶ୍ମୀରରେ ବିଦ୍ରୋହ ବିରୋଧୀ ଅଭିଯାନରେ ନିୟୋଜିତ ଡିଭିଜନ ସ୍ତରୀୟ 'ୟୁନିଫର୍ମ ଫୋର୍ସ'ର ନେତୃତ୍ୱ ମଧ୍ୟ ସେ ସଫଳତାର ସହ ତୁଲାଇଛନ୍ତି ।ବିଭିନ୍ନ ଅପରେସନ ଓ ରଣନୈତିକ ଦାୟିତ୍ୱରେ ତାଙ୍କର ଅଭିଜ୍ଞତା ଏବଂ ନେତୃତ୍ୱ ଦକ୍ଷତା ତାଙ୍କୁ ଭାରତୀୟ ସ୍ଥଳସେନାର ସର୍ବୋଚ୍ଚ ପଦରେ ପହଚାଂଇଛି ।

# ମୋଦୀଙ୍କୁ ପୁଣି ଥରେ ସ୍ୱାଗତ କରିବାକୁ ଚାହୁଁଛି : ଆମେରିକା




## ଭାରତ ଆମର ବିଶ୍ୱସ୍ତ ଏବଂ ରଣନୈତିକ ସହଯୋଗୀ : ସର୍ଗିଓ ଗୋର୍

ୱାସିଂଟନ,୩୦/୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ ସମ୍ପର୍କରେ ଭାରତରେ ଥିବା ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୋର୍ ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି । ସେ କହିଛନ୍ତି, ଆମେରିକା ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପୁଣି ଥରେ ସ୍ୱାଗତ କରିବାକୁ ଚାହୁଁଛି । ସେ କହିଛନ୍ତି ଯେ ବୈଦେଶିକ ସଚିବ ମାର୍କୋ ରୁବିଓ ତାଙ୍କ ଗତ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିମନ୍ତ୍ରଣ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ଡିସେମ୍ବରରେ ଜି-୨୦ ଶିଖର ସମ୍ମିଳନୀରେ ଯୋଗ ଦେବାକୁ ଆସିବେ ବୋଲି ଗୋର୍ ଆଶା ପ୍ରକାଶ କରିଛନ୍ତି । ଆମେରିକା-ଭାରତ ରଣନୈତିକ ସହଭାଗୀତା ମଚଂ ନେତୃତ୍ୱ ସମ୍ମିଳନୀ-୨୦୨୬ରେ ଗୋର୍ ଭାରତକୁ ଆମେରିକାର ଏକ ବିଶ୍ୱସ୍ତ ଏବଂ ରଣନୈତିକ ସହଯୋଗୀ ବୋଲି କହିଛନ୍ତି । ଭାରତ ଏବଂ ଆମେରିକା ମଧ୍ୟରେ ଏକ ମଧ୍ୟବର୍ତୀକାଳୀନ ବାଣିଜ୍ୟ ଚୁକ୍ତି ଖୁବ୍ ଶୀଘ୍ର ସମାପ୍ତ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ସେ ଏହା ମଧ୍ୟ କହିଛନ୍ତି ଯେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦ୍ୱିପାକ୍ଷିକ ସମ୍ପର୍କ ଉପରେ ଗୁରୁତ୍ୱ ଦେଉଛନ୍ତି । ଭାରତ ଏବଂ ଆମେରିକା ମଧ୍ୟରେ ଏକ ମିଳିତ ଉଦ୍ୟମରେ କ୍ୱାଡକୁ ମଜବୁତ କରିବାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି । ଗୋର୍ କ୍ୱାଡ୍ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତି ଦେଇ କହିଛନ୍ତି, ଦୁଇ ସପ୍ତାହ ମଧ୍ୟରେ କ୍ୱାଡ୍ ବୈଦେଶିକ ମନ୍ତ୍ରୀମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଉଚ୍ଚସ୍ତରୀୟ ବୈଠକ ଫିଲିପାଇନ୍ସରେ ଅନୁଷ୍ଠିତ ହେବ । କ୍ୱାଡ୍‌ର ଚାରି ପ୍ରମୁଖ ଅଂଶୀଦାର ଭାରତ, ଆମେରିକା, ଅଷ୍ଟ୍ରେଲିଆ ଏବଂ ଜାପାନ ସେମାନଙ୍କର ମେଣ୍ଟକୁ ସୁଦୃଢ଼ କରିବା ପାଇଁ ସମ୍ପୂର୍ଣ୍ଣ ସମନ୍ୱୟରେ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତ ବିଷୟରେ ପଚରାଯିବାରୁ ଗୋର୍ କହିଛନ୍ତି, ଆମେରିକାରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ସମୟରେ ଏହା ହେବା କଷ୍ଟକର । ଏହା ଆସନ୍ତା ବର୍ଷ ହୋଇପାରେ । ଏହା ଶୀଘ୍ର ହେଉ ବୋଲି ଆମେ ଚାହିଁବୁ । ସୂଚନାଯୋଗ୍ୟ,ପୂର୍ବରୁ ଆମେରିକା ର ବିଦେଶ ମନ୍ତ୍ରୀ ରୁବିଓ କହିଥିଲେ ଯେ,ଟ୍ରମ୍ପ ଆସନ୍ତା ବର୍ଷ ଆରମ୍ଭରେ ଭାରତ ଗସ୍ତ କରିପାରନ୍ତି ।

# ଭୂକମ୍ପରେ ଥରିଲା ସହର

## ଆମେରିକାରୁ ନିର୍ବାସିତ ୧୦୦ରୁ ଅଧିକ ଲୋକ ନିଖୋଜ



ନୂଆଦିଲ୍ଲୀ, ୩୦ ।୬: ପ୍ରକୃତିର କରାଳ ରୂପ ଓ ଭାଗ୍ୟର ନିଷ୍ଠୁର ପରିହାସ । ଭେନେଜୁଏଲାରେ ଗତ ୨୪ ଜୁନ୍ ୨୦୨୬ରେ ଆସିଥିବା ଦୁଇଟି ପ୍ରଳୟଙ୍କରୀ ଭୂକମ୍ପ ସାରା ଦେଶକୁ ଦୋହଲାଇ ଦେଇଛି । ୭.୨ ଏବଂ ୭.୫ ତୀବ୍ରତାର ଏହି ଶକ୍ତିଶାଳୀ ଝଟକାରେ ହଜାର ହଜାର ବିଲ୍ଡିଂ ମାଟିରେ ମିଶିଯାଇଛି । କୁହାଯାଉଛି ଯେ, ଏହା ଭେନେଜୁଏଲା ଇତିହାସରେ ଗତ ୧୨୫ ବର୍ଷର ସବୁଠାରୁ ଭୟଙ୍କର ଭୂକମ୍ପ । ମାତ୍ର ୩୯ ସେକେଣ୍ଡ ବ୍ୟବଧାନରେ ଆସିଥିବା ଦୁଇଟି ଝଟକା ସବୁ କିଛି ଛାରଖାର କରିଦେଇଛି । ଏହି ମହାବିପନ୍ତି ମଧ୍ୟରୁ ଏକ ଅତ୍ୟନ୍ତ ଦୁଃଖଦ ଓ ଚମକାଇ ଦେଲା ଭଳି ଖବର ସାମ୍ନାକୁ ଆସିଛି । ଆମେରିକାରୁ ନିର୍ବାସିତ ହୋଇ ଫେରିଥିବା ୧୦୦ରୁ ଅଧିକ ଭେନେଜୁଏଲା ନାଗରିକ ଭୂକମ୍ପ ଆସିବାର ମାତ୍ର କିଛି ଘଣ୍ଟା ପୂର୍ବରୁ 'ଲା ଗ୍ୱାୟରା' ଅଂଚଳର ଏକ ହୋଟେଲରେ ପହଚିଂଥିଲେ । କିନ୍ତୁ, ଭୂକମ୍ପ ଏହି ହୋଟେଲକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ମାଟିରେ ମିଶାଇ ଦେଇଛି, ଯାହାଫଳରେ ସେମାନେ ଏବେ ଧ୍ୱଂସାବଶେଷ ତଳେ ନିଖୋଜ ଅଛନ୍ତି । ସୂଚନା ଅନୁଯାୟୀ, ଆମେରିକାରେ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର କଡ଼ା ନିର୍ବାସନ ଅଭିଯାନ ଯୋଗୁଁ ଶତାଧିକ ଭେନେଜୁଏଲା ନାଗରିକଙ୍କୁ ସ୍ୱଦେଶ ଫେରାଇ ଦିଆଯାଉଥିଲା । ଏମାନଙ୍କ ମଧ୍ୟରୁ ଅନେକ ବର୍ଷ ବର୍ଷ ଧରି ଆମେରିକାରେ ରହି ରୋଜଗାର କରୁଥିଲେ । ଏକ ବିଶେଷ ଓଉର ଫ୍ଲାଇଟ୍ ଯୋଗେ ମିଆମିରୁ ୧୪୬ ଜଣ ନାଗରିକ ଯେଉଁଥିରେ ମହିଳା ଓ ଶିଶୁ ମଧ୍ୟ ସାମିଲ ଥିଲେ । ଏୟାରପୋର୍ଟରୁ ସେମାନଙ୍କୁ ସିଧାସଳଖ ଲା ଗ୍ୱାୟରାର 'ହୋଟେଲ ସାଣ୍ଟୁଆରିଓ ଲା ଲ୍ଲାନାଡା'କୁ ନିଆଯାଇଥିଲା । ସେଠାରେ ସେମାନଙ୍କର ମେଡିକାଲ ଚେକଅପ୍ ଏବଂ କାଗଜପତ୍ର କାମ ଚାଲିଥିବା ବେଳେ ସେହି ରାତିରେ ହିଁ ଭୂକମ୍ପ ମାଡ଼ି ଆସିଥିଲା ।ଧ୍ୱଂସାବଶେଷ ଭିତରୁ ଜୀବନ୍ତ ଉଦ୍ଧାର ହୋଇଥିବା ଲିସବେଥ୍ ପୋର୍ଟିଲୋ ନାମକ ଜଣେ ମହିଳା କାନ୍ଦି କାନ୍ଦି କହିଛନ୍ତି, 'ଆମେ ପ୍ରାୟ ୨୦ ଜଣ କୌଣସିମତେ ବାହାରକୁ ଚାଲିଆସିଲୁ, କିନ୍ତୁ ବାକି ସମସ୍ତେ ସେହି ପୁରୁଣା ବିଲ୍ଡିଂର ଧ୍ୱଂସାବଶେଷ ତଳେ ଚାପି ହୋଇ ରହିଗଲେ । ଏହି ଭୂକମ୍ପରେ ଭେନେଜୁଏଲାର ସ୍ଥିତି ଅତ୍ୟନ୍ତ ଗମ୍ଭୀର ହୋଇପଡ଼ିଛି । ରାସ୍ତାଘାଟ ଫାଟି ଆଁ କରିଛି, ବିଦ୍ୟୁତ୍ ଓ ପାଣି ଯୋଗାଣ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ବର୍ତ୍ତମାନ ସୁଦ୍ଧା ସାରା ଦେଶରେ ନିଖୋଜଙ୍କ ସଂଖ୍ୟା ୪୬ ହଜାରରୁ ଅଧିକ ବୋଲି କୁହାଯାଉଛି ।

# ପେଟ୍ରୋଲ, ଡିଜେଲ କଟକଣା ପ୍ରତ୍ୟାହୃତ

ନୂଆଦିଲ୍ଲୀ,୩୦/୬: କେନ୍ଦ୍ର ସରକାର ରାଷ୍ଟ୍ରାୟତ କ୍ଷେତ୍ରର ତୈଳ ବିପଣନ କମ୍ପାନୀଗୁଡ଼ିକର ଖୁଚୁରା ଦୋକାନ ମାଧ୍ୟମରେ ମୋଟର ସ୍ପିରିଟ୍ (ଏମଏସ) ଏବଂ ହାଇ ସ୍ପିଡ୍ ଡିଜେଲ(ଏଚଏସଡି)ର ବିକ୍ରୟ ଏବଂ ବଣ୍ଟନକୁ ନିୟନ୍ତ୍ରଣ କରୁଥିବା ଅସ୍ଥାୟୀ ନିୟାମକ ପଦକ୍ଷେପଗୁଡ଼ିକୁ ପ୍ରତ୍ୟାହାର କରିଛନ୍ତି । ଜୁଲାଇ ୧ରୁ ଏହା ଲାଗୁ ହେବ ବୋଲି ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ସୂଚନା ଦେଇଛି । ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ସୃଷ୍ଟି ହୋଇଥିବା ବାଧା ମଧ୍ୟରେ ସରକାର ଖୁଚୁରା ପେଟ୍ରୋଲ ଓ ଡିଜେଲ ମୂଲ୍ୟକୁ ସ୍ଥିର ରଖି ଅନ୍ତର୍ଜାତୀୟ ଇନ୍ଧନ ମୂଲ୍ୟରେ ତୀବ୍ର ବୃଦ୍ଧିରୁ ଖୁଚୁରା ଗ୍ରାହକଙ୍କୁ ସୁରକ୍ଷା ଦେବା ଜାରି ରଖିଛନ୍ତି । ଫଳସ୍ୱରୂପ, ଖୁଚୁରା ଇନ୍ଧନ ମୂଲ୍ୟ ଏବଂ ପାଇକାରୀ ଗ୍ରାହକଙ୍କ ପାଇଁ ପ୍ରଯୁଜ୍ୟ ମୂଲ୍ୟ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ଦେଖାଦେଲା ।

# ନାଫ୍ଥା ପାଇପଲାଇନରେ ନିଆଁ ଲାଗି ୨୦ ଆହତ

## ୬ ଜଣଙ୍କ ଅବସ୍ଥା ସଂକଟାପନ୍ନ



ହଳଦିଆ,୩୦/୬(ପଶ୍ଚିମବଙ୍ଗ): ପଶ୍ଚିମବଙ୍ଗର ପୂର୍ବ ମେଦିନାପୁର ଜିଲ୍ଲା ଅନ୍ତର୍ଗତ ହଳଦିଆର ଏକ ତେଲ ବିଶୋଧନାଗାରର ନାଫ୍ଥା ପାଇପଲାଇନରେ ମଙ୍ଗଳବାର ସକାଳେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଏହି ଦୁର୍ଘଟଣାରେ ଅତିକମରେ ୨୦ ଜଣ ଶ୍ରମିକ ଓ ସ୍ଥାନୀୟ ଲୋକ ଆହତ ହୋଇଛନ୍ତି । ଜିଲ୍ଲାର ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଭୋର ସମୟରେ ଏହି ନିଆଁ ଲାଗିଥିଲା ବେଳେ ଆହତମାନଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଂକଟାପନ୍ନ ରହିଛି । ସେମାନଙ୍କୁ ଉନ୍ନତ ଚିକିତ୍ସା ପାଇଁ କୋଲକାତାର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଛି । ଅଗ୍ନିଶମ ବାହିନୀର ବର୍ତ୍ତମାନ ନିଆଁକୁ ସମ୍ପୂର୍ଣ୍ଣ ଆୟତ କରିବାରେ ସଫଳ ହୋଇଛନ୍ତି । ହଳଦିଆ ପେଟ୍ରୋକେମିକାଲ୍ସ ଲିମିଟେଡ୍ (ଏଚପିଏଲ୍) ପକ୍ଷରୁ ଏହି ଅଘଟଣକୁ ସ୍ୱୀକାର କରାଯାଇଛି । କମ୍ପାନି ପକ୍ଷରୁ କୁହାଯାଇଛି ଯେ, ପ୍ଲାଣ୍ଟ ପରିସରରେ ବେଆଇନ ଭାବେ ନାଫ୍ଥା ଚୋରି କରାଯାଉଥିବା ଏକ ସ୍ଥାନ ନିକଟରେ ହିଁ ଏହି ଅଗ୍ନିକାଣ୍ଡ ଘଟିଛି । ନାଫ୍ଥା'' ଏକ ଅତ୍ୟନ୍ତ ଦାହ୍ୟ ଏବଂ ସହଜରେ ନିଆଁ ଧରୁଥିବା ହାଇଡ୍ରୋକାର୍ବନ ହୋଇଥିବାରୁ, ଏହାର ବେଆଇନ ବ୍ୟବହାର କିମ୍ବା ଚୋରି ନକରିବା ପାଇଁ କମ୍ପାନି ସ୍ଥାନୀୟ ଲୋକଙ୍କୁ ସବୁବେଳେ ସତର୍କ କରାଇ ଆସୁଥିଲା । ତେବେ ଘଟଣାର ପ୍ରକୃତ କାରଣ କଣ, ସେ ନେଇ ଏତେ ଶୀଘ୍ର ସ୍ପଷ୍ଟ କହିବା ସମ୍ଭବ ନୁହେଁ ବୋଲି ଏଚପିଏଲ୍ ପ୍ରକାଶ କରିଛି । ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ସମ୍ପୃକ୍ତ ସରକାରୀ କର୍ତ୍ତୃପକ୍ଷ ଓ ତଦନ୍ତକାରୀ ସଂସ୍ଥାକୁ କମ୍ପାନୀ ସମ୍ପୂର୍ଣ୍ଣ ସହଯୋଗ କରୁଛି । ତଦନ୍ତ ପ୍ରକ୍ରିୟା ଶେଷ ହେବା ପରେ ଏବଂ ସଠିକ୍ ତଥ୍ୟ ମିଳିବା ପରେ ସବିଶେଷ ବିବରଣୀ ଦିଆଯିବ ବୋଲି କମ୍ପାନି କହିଛି ।

# ଦୋହାରେ ଇରାନ-ଆମେରିକା ବୈଠକ ନେଇ ସସପେନ୍ସ ଜାରି :

## ଟ୍ରମ୍ପ କହୁଛନ୍ତି ହଁ, ଇରାନ କହୁଛି ନା



ଦୋହା,୩୦/୬: ମଧ୍ୟପ୍ରାଚ୍ୟରେ ଉତ୍ତେଜନା ହ୍ରାସ ପାଇବା ପରିବର୍ତ୍ତେ ବୃଦ୍ଧି ପାଉଥିବା ପରି ମନେ ହେଉଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି ଯେ, ଇରାନ ତାଙ୍କ ସହିତ ଆଲୋଚନା ପାଇଁ ଯୋଗାଯୋଗ କରିଛି । ତେବେ ଇରାନ ଏହି ଦାବିକୁ ଖଣ୍ଡନ କରିଛି । ଫଳରେ ବୈଠକ ନେଇ ସସପେନ୍ସ ଜାରି ରହିଛି । ଆମେରିକା ଏବଂ ଇରାନ ମଧ୍ୟରେ ଆଲୋଚନାକୁ ନେଇ ପରସ୍ପର ବିରୋଧୀ ଦାବି କରାଯାଉଥିବା ବେଳେ, ଗାଜା, ଲେବାନନ ଏବଂ ହର୍ମୁଜ ପ୍ରଣାଳୀରେ ଉତ୍ତେଜନା ବୃଦ୍ଧି ପାଇବା ଯୋଗୁ ମଧ୍ୟପ୍ରାଚ୍ୟରେ ଶାନ୍ତି ଏବଂ ସୁରକ୍ଷା ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି । ଟ୍ରମ୍ପ କହିଛନ୍ତି, ଗତ ସପ୍ତାହରେ ଦୁଇ ଦେଶ ପରସ୍ପର ଉପରେ ଆକ୍ରମଣ କରିଥିଲେ । ଏହା ପରେ ଇରାନ ଆମେରିକା ସହିତ ବୈଠକ ପାଇଁ ଅନୁରୋଧ କରିଛି । ତାଙ୍କ ଅନୁସାରେ, ଏହି ବୈଠକ କତାରରେ ହେବ । ପ୍ରସ୍ତାବିତ ଆଲୋଚନା ବିଷୟରେ ଟ୍ରମ୍ପ ଅଧିକ ବିବରଣୀ ପ୍ରଦାନ କରି ନାହାନ୍ତି । ଏହି ସମୟରେ, ଇରାନର ବୈଦେଶିକ ମନ୍ତ୍ରଣାଳୟ ଟ୍ରମ୍ପଙ୍କ ଦାବିକୁ ମିଥ୍ୟା ବୋଲି କହି ଖଣ୍ଡନ କରିଛି । ମନ୍ତ୍ରଣାଳୟ କହିଛି, ଆମେରିକା ସହିତ କୌଣସି ବୈଠକ ସ୍ଥିର ହୋଇନାହିଁ । ତେବେ ଇରାନ ନିଶ୍ଚିତ କରିଛି ଯେ, ବିଶେଷଜ୍ଞଙ୍କର ଏକ ପ୍ରତିନିଧିମଣ୍ଡଳ ଦୋହା ପଠାଯାଉଛି । ଏହି ଦଳର ଉଦ୍ଦେଶ୍ୟ ଆମେରିକା ସହିତ ଆଲୋଚନା କରିବା ନୁହେଁ,ବରଂ ବିଦେଶରେ ରଖାଯାଇଥିବା ଇରାନର ଫ୍ରିଜ୍ ହୋଇଥିବା ଆର୍ଥିକ ସମ୍ପତିକୁ ମୁକ୍ତ କରିବା ପ୍ରକ୍ରିୟା ଉପରେ କାମ କରିବା । ଇରାନ ହର୍ମୁଜ୍ ପ୍ରଣାଳୀ ସମ୍ପର୍କରେ ଫ୍ରାନ୍ସର ଯୋଜନାକୁ ଦୃଢ଼ ବିରୋଧ କରିଛି । ଫ୍ରାନ୍ସ ଏହି ସମୁଦ୍ର ପଥରୁ ଲ୍ୟାଣ୍ଡମାଇନ୍ ହଟାଇବା ଯୋଜନା ଉପରେ ବିଚାର କରୁଛି । ଇରାନ କହିଛି, ବର୍ତ୍ତମାନର ପରିସ୍ଥିତି ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ଏହି ସମୟରେ ଯେକୌଣସି ବିଦେଶୀ ହସ୍ତକ୍ଷେପ ଉତ୍ତେଜନାକୁ ଆହୁରି ବୃଦ୍ଧି କରିପାରେ । ତେହେରାନ ଫ୍ରାନ୍ସକୁ ଏପରି କାର୍ଯ୍ୟରୁ ନିବୃତ ରହିବାକୁ ଚେତାବନୀ ଦେଇଛି । ଏହା ଦ୍ୱାରାର ଉତେଜନା ବଢ଼ିବ ବୋଲି ଇରାନ ଚେତାଇ ଦେଇଛି । ଗାଜା ଷ୍ଟ୍ରିପରେ ହିଂସା ଜାରି ରହିଛି । ପାଲେଷ୍ଟାଇନୀ ଅଧିକାରୀମାନେ ରିପୋର୍ଟ କରିଛନ୍ତି ଯେ ଇସ୍ରାଏଲୀ ସାମରିକ କାର୍ଯ୍ୟାନୁଷ୍ଠାନରେ ଆଠ ଜଣ ପାଲେଷ୍ଟାଇନୀଙ୍କ ମୃତ୍ୟୁ ଘଟିଛି । ଇସ୍ରାଏଲ ଦକ୍ଷିଣ ଲେବାନନରେ ମଧ୍ୟ ବିମାନ ଆକ୍ରମଣ କରିଛି । ଇସ୍ରାଏଲଏବଂ ଲେବାନନ ମଧ୍ୟରେ ଅସ୍ତ୍ରବିରତି ସତ୍ତ୍ୱେ ଏଭଳି ଘଟୁଛି । ଏହି ଘଟଣାଗୁଡ଼ିକ ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ସଙ୍କଟଜନକ ପରିସ୍ଥିତିକୁ ସ୍ପଷ୍ଟ ଭାବରେ ଦର୍ଶାଉଛି ।




କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


# କେନ୍ଦୁଝରରେ ଟିକାକରଣ ଅଭିଯାନ : ୮୨% ଶିଶୁଙ୍କୁ ଟିକା



କେନ୍ଦୁଝର,୩୦/୬(ନି/ପ୍ର) : କେନ୍ଦୁଝର ଜିଲ୍ଲାରେ ଶିଶୁମାନଙ୍କୁ ସୁରକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ଜାରି ରହିଥିବା ସ୍ୱତନ୍ତ୍ର ଟିକାକରଣ ଅଭିଯାନ ସଫଳତାର ସହ ଆଗେଇ ଚାଲିଛି । ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ଲକ୍ଷ୍ୟ ଅନୁଯାୟୀ, ଜିଲ୍ଲାରେ ମୋଟ ୧,୭୬,୬୫୯ ଜଣ ଶିଶୁଙ୍କୁ ଟିକାକରଣ ପରିସରଭୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୧,୪୪,୪୭୨ ଜଣ ଶିଶୁ ଟିକା ନେଇସାରିଛନ୍ତି । ଏହି ସଫଳତା ସହ ଜିଲ୍ଲା ୮୨ ପ୍ରତିଶତ ଲକ୍ଷ୍ୟ ହାସଲ କରିଛି । ଏହି ସ୍ୱତନ୍ତ୍ର ଅଭିଯାନର ଜିଲ୍ଲାସ୍ତରୀୟ ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦୁଝର ସିଡିଏମ୍ ଆଣ୍ଡ ପିଏଚ୍ଓ ଡ଼ଃ ଧନେଶ୍ୱର ସେଠୀ ଏହି ଅଭିଯାନକୁ ଔପଚାରିକ ଭାବେ ଉଦଘାଟନ କରିଥିଲେ । ଟିକାକରଣ କାର୍ଯ୍ୟକ୍ରମରେ କୌଣସି ଶିଶୁ ଯେପରି ବାଦ୍ ନପଡ଼ନ୍ତି, ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଅଭିଯାନର ଶେଷ ଦୁଇ ଦିନରେ କୌଣସି ଶିଶୁ ଯେପରି ଟିକାରୁ ବଚିଂତ ନହୁଅନ୍ତି, ସେଥିପାଇଁ ସ୍ୱାସ୍ଥ୍ୟକର୍ମୀମାନେ 'ଘରକୁ ଘର' ବୁଲି ଟିକାକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଉଦଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ପ୍ରତିନିଧି ଭାବେ ଯୁଗ୍ମ ନିର୍ଦ୍ଦେଶକ (ଏମ୍ଏଚ୍) ଡ଼ଃ ଅଭିଜିତ କୁଆଁର ଯୋଗଦେଇଥିଲେ । ଏଥିସହିତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଡ଼ଃ ପୁରୁଷୋତ୍ତମ ମହାନ୍ତ (ଡିପିଏଚଓ), ଡ଼ଃ ଲକ୍ଷ୍ମୀକାନ୍ତ ମହାନ୍ତ (ଏଡିପିଏଚଓ-ଏଫଡବ୍ଲୁ), ଡ଼ଃ ନୀଲମ ମହାନ୍ତି (ଏଡିପିଏଚଓ-ଟିବି), ଡ଼ଃ ପୁଷ୍ପାରାଣୀ ପଟ୍ଟନାୟକ (ଏଡିପିଏଚଓ-ଭିବିଡ଼ି) ଏବଂ ନିତ୍ୟରଞ୍ଜନ ବରାଳ (ଡିପିଏମ, ଏନଏଚଏମ), ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳତା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗର ଅନ୍ୟ ଅଧିକାରୀ ଶ୍ରୀ ଭରତ ସାହୁ (ଡିପିଏଚସିଓ), ଶ୍ରୀ ଗୋବିନ୍ଦ ଚନ୍ଦ୍ର ମିଶ୍ର (ଡିଭିଏଲଏମ୍), ଶ୍ରୀମତୀ ବୁଧୁନୀ ମହାପାତ୍ର (ଏଲଏଚଭି), ଶ୍ରୀ ବୃନ୍ଦାବନ ସାହୁ (ଏସ୍ଏ), ଶ୍ରୀ ଚିନ୍ମରଞ୍ଜନ ଜେନା (ଆଇସିଏ)ଙ୍କ ସମେତ ରୋଟାରୀ କ୍ଲବ କେନ୍ଦୁଝରର ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ମହିଳାଙ୍କୁ ଆକ୍ରମଣ ଓ ବଳାତ୍କାର ଉଦ୍ୟମ ଅଭିଯୋଗରେ ଯୁବକ ଗିରଫ

କେନ୍ଦୁଝର,୩୦/୬(ନି/ପ୍ର): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ବୁଢିକାପୁଡି ଗ୍ରାମର ଜଣେ ୩୨ ବର୍ଷୀୟା ମହିଳାଙ୍କୁ ଆକ୍ରମଣ ଓ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗରେ ତୁରୁମୁଙ୍ଗା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ଜଣକ ହେଲେ ତୁରୁମୁଙ୍ଗା ଗ୍ରାମର ସୁଜିତ କୁମାର ସେଠୀ ବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ, ଗତ ୨୨ ତାରିଖ ସନ୍ଧ୍ୟା ପ୍ରାୟ ସାଢେ ୭ଟା ସମୟରେ ମହିଳାଙ୍କ ଘରେ ଅନ୍ୟ କେହି ନଥିବା ସୁଯୋଗ ନେଇ ଅଭିଯୁକ୍ତ ଘର ଭିତରକୁ ପ୍ରବେଶ କରି ତାଙ୍କୁ ଆକ୍ରମଣ ଓ ବଳାତ୍କାର ଉଦ୍ୟମ କରିଥିବା ନେଇ ପୀଡ଼ିତା ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ଆଧାରରେ ତୁରୁମୁଙ୍ଗା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ ଘଟଣାର ତଦନ୍ତ କରି ଅଭିଯୁକ୍ତ ସୁଜିତ କୁମାର ସେଠୀଙ୍କୁ ଗିରଫ କରିଥିଲେ । ତୁରୁମୁଙ୍ଗା ଥାନାରେ କେସ୍ ନଂ-୧୬୦/୨୬ ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି ।

# ଖଡ଼ିଆଳ -ସିନାପାଲି ରାସ୍ତା ସମ୍ପୂର୍ଣ୍ଣ ହେବ କେବେ ?

ନୂଆପଡ଼ା,୩୦/୬(ନି/ପ୍ର) : ନୂଆପଡା ଜିଲ୍ଲା ଖଡ଼ିଆଳ -ସିନାପାଲି ରାସ୍ତା ନିର୍ମାଣ କାମ ଚାଲିଛି । ସିନାପାଲି ଠାରୁ ନେହେନା ମିଳପଡା ପର୍ଯ୍ୟନ୍ତ କାମ ଶେଷ ହୋଇଛି । ହେଲେ ନେହେନା ମିଳପଡା ଠାରୁ ଖଡ଼ିଆଳ ତିନି କି.ମି. ମଧ୍ୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଦୁଇ ଫୁଟ ରୁ ଚାରି ଫୁଟ ମାଟି ଖୋଳି ସମ୍ପୃକ୍ତ ଠିକା ସଂସ୍ଥା ଦୀର୍ଘ ତିନି ମାସରୁ ଅଧିକ ଦିନ ହେବ ଛାଡି ଦେଇଛି । ସେହି ରାସ୍ତାର ଉଭୟ ପାର୍ଶ୍ୱରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଓ ସତର୍କତା ମୂଳକ ସୂଚନା ଫଳକ ଲଗାଯାଉ ନଥିବାରୁ ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି । ଏହି ଖୋଲା ଥିବା ରାସ୍ତା ଧୂଳିମୟ ହେଉଛି ଫଳରେ ସ୍ଥାନୀୟ ଜନସାଧାରଣ ଓ ପଥିକ ହଇରାଣ ହେଉଛନ୍ତି । ବିଶେଷକରି ରାତି ସମୟରେ ଖୋଲା ରାସ୍ତା, ଗଭୀର ଖାଲ ଓ ନିର୍ମାଣ ସାମଗ୍ରୀ ରାସ୍ତା ଉପରେ ପଡ଼ି ରହୁଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି । ଏହା ସତ୍ତ୍ୱେ ସମ୍ପୃକ୍ତ ଠିକାଦାର ଓ ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଉ ନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି ।

# ପ୍ରାକୃତିକ ଦ୍ରବ୍ୟରେ କେନ୍ଦୁଝରରେ ଅନୁଷ୍ଠିତ ହେଲା ପ୍ରଭୁ ଶ୍ରୀବଳଦେବଜୀଉଙ୍କ ଦେବସ୍ନାନ ପୂର୍ଣ୍ଣିମା



କେନ୍ଦୁଝର,୩୦/୬(ନି/ପ୍ର): କେନ୍ଦୁଝରରେ ବିଭିନ୍ନ ପ୍ରାକୃତିକ ଦ୍ରବ୍ୟରେ ଅନୁଷ୍ଠିତ ହେଲା ଶ୍ରୀଜୀଉଙ୍କର ଦେବସ୍ନାନ ପୂର୍ଣ୍ଣିମା । କେନ୍ଦୁଝରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ଆଦିବାସୀ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଛି ଦେବସ୍ନାନ ପୂର୍ଣ୍ଣିମା । ଆଜି ସକାଳେ ପ୍ରଭୁଙ୍କର ଅବକାଶ ନୀତି, ଲୁଗାଲାଗି, ଏହାପରେ ପୁଷ୍ପାଞ୍ଜଳି ଶେଷ ହେବା ପରେ ଦିନ ୧୦ଟାରେ ସୁଦର୍ଶନ, ପ୍ରଭୁ ଶ୍ରୀବଳଦେବଜୀଉ, ମା ସୁଭଦ୍ରା ଓ ବଡ଼ ଠାକୁର ଶ୍ରୀଜଗନ୍ନାଥଙ୍କ ସହ ଶୂନ୍ୟ ପହଣ୍ଡିରେ ଆସି ସ୍ନାନବେଦୀରେ ବିଜେ ହୋଇଥିଲେ । ସ୍ନାନମଣ୍ଡପରେ ଯଥାବିଧି ପୂଜାର୍ଚ୍ଚନା ପରେ ସ୍ୱର୍ଣ୍ଣପାତ୍ରରେ ଥିବା ସୁବାସିତ ଜଳରେ ପ୍ରଭୁଙ୍କୁ ସ୍ନାନ ବିଧି ସମ୍ପନ୍ନ କରାଯାଇଥିଲା । ବିଧି ଅନୁସାରେ ବଳଭଦ୍ରଙ୍କୁ ୩୫ଗରା , ସୁଭଦ୍ରାଙ୍କୁ ୨୨ , ଜଗନ୍ନାଥଙ୍କୁ ୩୩ ଓ ସୁଦର୍ଶନଙ୍କୁ ୧୮ଗରା ଜଳରେ ସ୍ନାନ କରାଯାଇଥିଲା । ଏହାପରେ ଶ୍ରୀବିଗ୍ରହମାନଙ୍କୁ ବିରଳ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା । ଏଠାରେ ଶ୍ରୀବଳଦେବଜୀଉଙ୍କୁ ଅଁଳାପତ୍ର ଓ ପ୍ରଭୁ ଜଗନ୍ନାଥଙ୍କୁ ତୁଳସୀପତ୍ରରେ ଗଜାନନ ବେଶ କରାଯାଉଥିବା ବେଳେ ଦେବୀ ସୁଭଦ୍ରାଙ୍କୁ କୁଆଁରୀ ବେଶରେ ସଜ୍ଜିତ କରାଯାଇଥାଏ । ପ୍ରଭୁଙ୍କର ଗଜବେଶକୁ ଦେଖିବା ପାଇଁ ଭକ୍ତଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ।

# ସରକାରଙ୍କର ଦେଶ ଓ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ବାରମ୍ବାର କୁଠାରାଘାତ : ଜିଲ୍ଲା କଂଗ୍ରେସ, ଅନୁଗୁଳ



ଅନୁଗୋଳ,୩୦/୬(ନି/ପ୍ର): ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନଠାରେ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଜିଲ୍ଲା ସ୍ତରୀୟ ଛାତ୍ରୋଙ୍କି ଗୁଞ୍ଜ ସମାବେଶ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଦେଶର ଶିକ୍ଷା ବଜେଟ ୧୩୫ କୋଟି ହୋଇଥିବାବେଳେ କେବଳ ଘରରଞ୍ଜ ପରୀକ୍ଷା ଲାଗି ୨୨ଲକ୍ଷ ଛାତ୍ରଙ୍କର ଖର୍ଚ୍ଚ ୧୩୧କୋଟି ଟଙ୍କା ଆକଳନ କରାଯାଇଛି ବୋଲି ସଭାପତି କହିଥିଲେ ଓ ଉକ୍ତ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ଜ୍ୟୋତି ପ୍ରକାଶ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡବଲ ଇଞ୍ଜିନ ସରକାର ଦେଶ ଓ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ କୁଠାରାଘାତ କରୁଛି ବୋଲି ପ୍ରକାଶ କରିଥିଲେ । ଦେଶରେ ଶିକ୍ଷା ମନ୍ତ୍ରୀ ଏଇ ଜିଲ୍ଲାର ଜଣେ ଟାଣୁଆ ନେତା ବୋଲି ପରିଚୟ ଦେଉଥିଲା ବେଳେ ନିଟ ଓ ସିବିଏସଇ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ କରି ଅନୁଗୋଳ ଜିଲ୍ଲାକୁ ସର୍ବଭାରତୀୟ ସ୍ତରରେ ତଳେ ପକାଇ ଦେଇଛନ୍ତି । ମେଧାବୀ ଛାତ୍ର ଛାତ୍ରୀମାନଙ୍କ ଭବିଷ୍ୟତକୁ ନେଇ ଖେଳୁଛନ୍ତି । ଏ ନେଇ କେତେ ଯେ ଛାତ୍ର ଛାତ୍ରୀ ସେମାନଙ୍କ ମନରେ ଥିବା ସ୍ୱପ୍ନକୁ ସରକାର ଧୂଳିସାତ କରି ଦେଇଛନ୍ତି, ସେ କଥା ସହଜରେ କହି ହେବ ନାହିଁ । ଶିକ୍ଷା ବ୍ୟବସ୍ଥା ଆଜି ଦିଶାହୀନ ହୋଇ ଚାଲୁଛି । ଆମ ରାଜ୍ୟରେ ସେହିପରି ପାଠ୍ୟପୁସ୍ତକରେ ନିଜର ଦାୟିତ୍ୱହୀନତାର ପରିଚୟ ଦେଇ ଯେଉଁଭଳି ଭୁଲ ରହି ବହି ଛାପି ପିଲାମାନଙ୍କୁ ଦିଆଯାଇଛି, ତାହା ଓଡ଼ିଶା ଇତିହାସରେ ବିରଳ । ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ କ୍ଷମତାକୁ ଆସିଥିବା ସରକାର ଆଜି ଅନ୍ୟ ହାତରେ ବନ୍ଧା ପଡୁଛି । ଛାତ୍ରଛାତ୍ରୀମାନେ ସଠିକ ବହି ଖଣ୍ଡେ ଏପର୍ଯ୍ୟନ୍ତ ପାଇ ପାରି ନାହାଁନ୍ତି । ସେମାନଙ୍କ ଭବିଷ୍ୟତ ସହିତ ସରକାର ଖେଳ ଖେଳୁଛନ୍ତି, ଏଣୁ ଏହାର ଦୃଢ ପ୍ରତିବାଦ କରିବା ସହ ଛାତ୍ରଛାତ୍ରୀମାନେ ବାଧ୍ୟହୋଇ ରାଜରାସ୍ତାକୁ ଓହ୍ଲାଇବେ । ଯୁବକମାନେ ଶିକ୍ଷା ଆହରଣ କରି ଚାକିରି ଖଣ୍ଡେ ପାଇବା କଷ୍ଟ ହୋଇ ପଡୁଛି । ବେକାରୀ ଦିନକୁ ଦିନ ବଢୁଛି । ଏ ସବୁ ନେଇ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିକଟରେ ଛାତ୍ର ଯୁବକମାନଙ୍କୁ ଭେଟି ନିଜର ଅଧିକାର ପାଇଁ କାର୍ଯ୍ୟ କରିବାକୁ ପ୍ରବର୍ତ୍ତାଇ ଥିଲେ । ଏଣୁ ଛାତ୍ରଛାତ୍ରୀ ମାନେ ଏବେ ଏକଜୁଟ ହୋଇ ଆନ୍ଦୋଳନ କରିବାକୁ ଆଗେଇ ଆସିଛନ୍ତି । ଛାତ୍ରଛାତ୍ରୀ ଓ ଯୁବକମାନେ ଦେଶର ଭବିଷ୍ୟତ ହୋଇଥିବାରୁ ତାଙ୍କ ଆନ୍ଦୋଳନକୁ ସମର୍ଥନ ଦେବାପାଇଁ ଭାରତୀୟ ଜାତୀୟ କଂଗ୍ରେସ ସ୍ଥିର କରିଛି । ସମସ୍ତ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାର ସେମାନଙ୍କୁ ଦେବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ବୋଲି ପ୍ରକାଶ କରିଥିଲେ ।ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟତମ ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ସିଦ୍ଧେଶ୍ୱର ଗୁରୁ ଯୋଗଦେଇ ଦେଶ ଓ ରାଜ୍ୟର ଭୁଷୁଡି ଯାଉଥିବା ଶିକ୍ଷା ବ୍ୟବସ୍ଥାକୁ ଉଦ୍ଧାର କରିବା ପାଇଁ ପ୍ରତ୍ୟେକ ନାଗରିକ ଆଗକୁ ବିହାରିବା ଉଚିତ ବୋଲି ପ୍ରକାଶ କରି ଆଗକୁ ହେବାକୁ ଥିବା ଛାତ୍ର ଛାତ୍ରୀ ଓ ଯୁବକମାନଙ୍କର ଦେଶ ବ୍ୟାପୀ ଆନ୍ଦୋଳନକୁ ସମସ୍ତ ବର୍ଗର ନାଗରିକମାନେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ କଂଗ୍ରେସ ନେତା ସୁବାଷ ଚନ୍ଦ୍ର ଭୋଇ, ଶତ୍ରୁଘ୍ନ ପାତ୍ର, ତପନ ପ୍ରଧାନ, ଅନୁଗୋଳ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ପ୍ରଫୁଲ୍ଲ ଦାସ, ଗୋପାଳ ଚନ୍ଦ୍ର ନାଥ, ବଳବୀର ସିଂ, ବିନୋଦ ମାଝୀ, ଅମୂଲ୍ୟ ବେହେରା,ରାକେଶ ମିଶ୍ର, ନବ ଗଡ଼ନାୟକ, ସୁଦୀପ ମିଶ୍ର, ପୂର୍ଣଚନ୍ଦ୍ର ଦେହୁରୀ,ଅରୁପ ସାମଲ, ସୁବାସ ସାହୁ, ଅବିନାଶ ଦଳବେହେରା, ଲିଲି ବେହେରା, ଅଶୋକ ନାଏକ, ଅରୁଣ ଦାସଙ୍କ ସହିତ ଶତାଧିକ ଛାତ୍ର, ଯୁବ ଏବଂ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ସିପିଆଇ(ଏମ) କର୍ମୀ ସଭା, ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ସିପିଆଇ(ଏମ)ର ଶକ୍ତିବୃଦ୍ଧି ପାଇଁ ଆହ୍ୱାନ

ଭଦ୍ରକ, ୩୦/୬(ନି/ପ୍ର): ଓଡିଶାରେ ବିଜେପି ସରକାର କ୍ଷମତାକୁ ଆସିବା ପରେ 'ବିନାଶ ର ଧାରା ଓଡିଶା ସାରା ' ସଂପୂର୍ଣ୍ଣ ପରିଲକ୍ଷିତ ହୋଇଛି ବୋଲି ସିପିଆଇ(ଏମ) ଜିଲ୍ଲା କମିଟି ମତବ୍ୟକ୍ତ କରିଛି । ବିଜେପି ସରକାର କ୍ଷମତାକୁ ଆସିବା ପରେ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ସ୍ୱାସ୍ଥ୍ୟସେବା ରେ ଚରମ ଅବନ୍ନତି, ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ପ୍ରାୟ ୨୨୦୦ ତ୍ରୁଟି, ପେଟ୍ରୋଲ, ଡିଜେଲ, ସିଏନଜି ଓ ଜାଳେଣି ଗ୍ୟାସର ସଂକଟ, ଭତା ନପାଇ ବୃଦ୍ଧ ବୃଦ୍ଧା ଆତ୍ମହତ୍ୟା କରିବା, ଧାନର ଅଭାବୀ ବିକ୍ରି ଓ ଚାଷୀ ଆତ୍ମହତ୍ୟା, ଏମ୍ ଜି ଏନ୍ ଆର ଇଜିଏ ଆଇନ ରଦ୍ଦ, ଶ୍ରମିକ ସପକ୍ଷବାଦୀ ଶ୍ରମ ଆଇନ ବାତିଲ କରିବା ଆଦି ଜନବିରୋଧି କାର୍ଯ୍ୟକ୍ରମ ବିଜେପିର 'ବିନାଶ ର ଧାରା ଓଡିଶା ସାରା' ଓ 'ବିନାଶର ଧାରା- ଭାରତ ସାରା'କୁ ପ୍ରତିଫଳିତ କରୁଛି । ଗତ ୨ ବର୍ଷରେ ଆମ ରାଜ୍ୟରେ ୬୦୦୦୦ କୋଟି ଟଙ୍କା ଅଧିକ ଋଣ କରିବା, ରାଜ୍ୟର ୧୪ ଟି ଖଣିକୁ ବହୁଜାତୀୟ କଂପାନୀ ଗୁଡିକୁ ବିକ୍ରି କରିବା, ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରିବା, ଭୁବନେଶ୍ୱରରେ ଅବସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ବିକ୍ରି, ଦୈତାରୀ- ପାରାଦ୍ୱୀପ ଏକ୍ସପ୍ରେସ୍ ରାଜପଥ ଘରୋଇକରଣ, କଳିଙ୍ଗ ଅଶୋକା ହୋଟେଲ ଓ ପୁରୀରେ ଅବସ୍ଥିତ ବିଏନଆର ହୋଟେଲ ବିକ୍ରି ଘଟଣା ବିଜେପି ସରକାରଙ୍କ ଅପାରଗତା ଓ ବିନାଶର ଧାରାକୁ ପଦାରେ ପକାଇଛି ବୋଲି ସିପିଆଇ(ଏମ) ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ ଭଦ୍ରକରେ ଅନୁଷ୍ଠିତ ସିପିଆଇ(ଏମ) କର୍ମୀ ସଭାରେ ପ୍ରକାଶ କରିଥିଲେ । ରାଜ୍ୟରେ ବିକାଶ ମୂଳକ କାର୍ଯ୍ୟ ପରିବର୍ତେ କେବଳ କଂଗ୍ରେସ ଓ ବିଜେଡି ସରକାର ନିର୍ମାଣ କରିଥିବା ଭିତିଭୂମି ଉପରେ ବିଜେପି ସରକାର କେବଳ ରଙ୍ଗ ମାରିଛି ଓ ପ୍ରକଳ୍ପ ଗୁଡିକର ନାମ ବଦଳାଇଛି ବୋଲି ସିପିଆଇ(ଏମ) ରାଜ୍ୟ ନେତା ଶ୍ରୀ ଦାସ ପ୍ରକାଶ କରିଥିଲେ । ରାଜ୍ୟର ଶିକ୍ଷିତ ଯୁବକ ଯୁବତୀ କାମ ନପାଇ ବାହାର ରାଜ୍ୟକୁ ଦାଦନ ଶ୍ରମିକ ଭାବେ ପ୍ରତ୍ୟେକ ଦିନ ଯାଉଥିବା ବେଳେ ରାଜ୍ୟର କୋଟି କୋଟି ଟଙ୍କା ରାଜସ୍ୱ ଖର୍ଚ୍ଚ କରି ବିଜେପି କେବଳ ଉତ୍ସବ ପାଳନ କରିବା ଦୁର୍ଭାଗ୍ୟ ବୋଲି ସିପିଆଇ(ଏମ) ଉଦବେଗ ପ୍ରକାଶ କରିଛି । ବିଜେପିର ଏହି କୁକର୍ମ ଓ ଅପାରଗତା ବିରୁଦ୍ଧରେ ଆଗାମୀ ପଚାଂୟତ ନିର୍ବାଚନରେ ବିଜେପିକୁ ପରାସ୍ତ କରି ସିପିଆଇ(ଏମ)ର ଶକ୍ତି ବୃଦ୍ଧି କରିବାକୁ ସିପିଆଇ(ଏମ) କର୍ମୀ ସଭାରେ ରାଜ୍ୟ ନେତା ସନ୍ତୋଷ ଦାସ ଆହ୍ୱାନ ଜଣାଇଥିଲେ । ସିପିଆଇ(ଏମ) ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ପ୍ରଫୁଲ୍ଲ ପାଢୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମୀ ସଭାରେ ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ରାଧାନାଥ ଦାସ, ପ୍ରଭାସ ମହାପାତ୍ର, ବିଷ୍ଣୁ ଦାଶ, ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ମଳୟ ଭୋଇ, କାଳନ୍ଦୀ ପାତ୍ର, ଜୟନୂଲ ଆବେଦିନ, ଗୟାଧର ସାହୁ, ଗିରିଧାରୀ ନାଥ, ବରିଷ୍ଠ ନେତା ନିରଞ୍ଜନ ପାଣି, ଗୌରାଙ୍ଗ ଯେନା, ସେକ୍ ସନାଉଲ୍ଲା, ମହିଳା ନେତ୍ରୀ ସୁରଜିତା ନାୟକ ପ୍ରମୁଖ ପାର୍ଟିର ସାଂଗଠନିକ ଶକ୍ତି ବୃଦ୍ଧି ସଂପର୍କରେ ଆଲୋଚନା କରିଥିଲେ । ଆସନ୍ତା ଜୁଲାଇ ୧ ରେ ଏମ୍ଏନ୍ଆର ଇଜିଏ ଆଇନ ର ପୁନଃ କାର୍ଯ୍ୟକାରିତା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ଓ ଆସନ୍ତା ଅଗଷ୍ଟ ୧୦ ତାରିଖରେ ଦେଶର ସ୍ୱାଧୀନତା ଓ ସାର୍ବଭୌମତ୍ୱ ର ସୁରକ୍ଷା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜେଲ୍ ଭରୋ ଆନ୍ଦୋଳନ କରାଯିବା ପାଇଁ କର୍ମୀ ସଭାରେ ନିଷ୍ପତି ଗ୍ରହଣ କରାଯାଇଛି । ଏହି କର୍ମୀସଭାରେ ଜିଲ୍ଲାର ବିଭିନ୍ନ ପଂଚାୟତରୁ ଶତାଧିକ କର୍ମୀ ଅଂଶଗ୍ରହଣ କରିଥିଲେ ।

# ଜାତୀୟ ରାଜପଥ-୧୬ରୁ ୬୮ କେଜି ଗଞ୍ଜେଇ ଜବତ, ୪ ଅଭିଯୁକ୍ତ ଗିରଫ



ବସ୍ତା,୩୦/୬(ନି/ପ୍ର) : (ରବିବାର) ୧୬ ନମ୍ବର ଜାତୀୟ ରାଜପଥ ମାଥାନୀ ବାଇପାସ୍ ନିକଟରେ ଚଢ଼ାଉ କରି ୬୮ କିଲୋଗ୍ରାମ୍ ଉତ୍କୃଷ୍ଟ ମାନର ଗଞ୍ଜେଇ ଜବତ କରାଯାଇଛି । ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ବିଶେଷ ସୂତ୍ରରୁ ଖବର ବସ୍ତା ପୁଲିସ ଜାତୀୟ ରାଜପଥ-୧୬ର ବସ୍ତା ବାଇପାସ ନିକଟରେ ନାକାବନ୍ଦି କରିଥିଲା । ଏକ ହୋଣ୍ଡା ସିଟି କାରରୁ ୬୮ କେଜି ଶୁଖିଲା ଗଞ୍ଜେଇ ଜବତ କରିବା ସହ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ପୁଲିସର ସୂଚନା ଅନୁଯାୟୀ, ବାଲେଶ୍ୱରରୁ ଜଳେଶ୍ୱର ଅଭିମୁଖେ ଯାଉଥିବା କାରଟି (ଓଡି-୦୨-ଏକ୍ସ-୫୧୦୩) ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଗୁପ୍ତ ସୂଚନା ମିଳିଥିଲା । ଥାନା ଅଧିକାରୀ ରଞ୍ଜିତ ସାହୁଙ୍କ ନିର୍ଦ୍ଦେଶରେ ଏସ୍ଆଇ ସନ୍ଦୀପ ଖୁଣ୍ଟୁରଙ୍କ ନେତୃତ୍ୱରେ ବସ୍ତା ବାଇପାସ୍ ନିକଟରେ ନାକାବନ୍ଦି କରାଯାଇଥିଲା । ସନ୍ଦିଗ୍ଧ କାରକୁ ଅଟକାଇ ଯାଚଂ କରିବା ବେଳେ ସିଟ୍ ତଳେ ଓ ଡିକିରେ ଲୁଚାଇ ରଖାଯାଇଥିବା ୩ଟି ବସ୍ତାରୁ ମୋଟ ୬୮ କେଜି ଶୁଖିଲା ଗଞ୍ଜେଇ ଜବତ ହୋଇଥିଲା । ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୬.୮ ଲକ୍ଷ ଟଙ୍କା ବୋଲି ପୋଲିସ ସୂଚନା ଦେଇଛି । ଏହା ସହ ଚାଲାଣରେ ବ୍ୟବହୃତ କାର ଓ ୩ଟି ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ମୟୂରଭଞ୍ଜ ଜିଲ୍ଲା ବେତନଟି ଥାନା ମଟାଂପାଳ ଗ୍ରାମର ସୋମନାଥ ବେହେରା (୩୦), ଚନ୍ଦନ ବେହେରା (୨୫), ଦିଲୀପ କୁମାର ବେହେରା (୩୨) ଓ ସୁନୀଲ କୁମାର ବେହେରା (୨୫) ।

# ମୌସୁମୀ ଦେଲା ଧୋକା : ଧାନ ଚାଷୀ କ୍ଷେତରୁ ଘାସ ବାଛିବାକୁ ଅମଙ୍ଗ : ଉଜୁଡି ଯିବ ଧାନ ଚାଷ, ଆଗକୁ ପଡିଆ ପଡିବ ବିଲ

ଧର୍ମଶାଳା,୩୦/୬(ନି/ପ୍ର): ଗ୍ରୀଷ୍ମ ପ୍ରବାହରେ ଛଟପଟ ଜନସାଧାରଣ । ସେପଟେ ଠିକ୍ ସମୟରେ ମୌସୁମୀ ଆସିବା ନେଇ ପୂର୍ବାନୁମାନ କରିଥିଲା ପାଣିପାଗ ବିଭାଗ । ଏବେ ଅଷାଢ ମାସ ସରିବାକୁ ବସିଲାଣି । ହେଲେ ମୌସୁମୀର ଲୁଚକାଳି ଏବେ ଧାନ ଚାଷ ଉପରେ ପ୍ରଭାବ ପଡିଛି । ଯାଜପୁର ଜିଲା ରସୁଲପୁର, ଧର୍ମଶାଳା ଓ ବରୀ ଅଂଚଳରେ ଧାନ ଚାଷୀମାନେ ହଜାର ହଜାର ହେକ୍ଟର ଜମିରେ ବର୍ଷାର ଆଗମନକୁ ଦେଖି ଧାନ ଚାଷ ଆରମ୍ଭ କରି ଦେଇଥିଲେ । ବିଶେଷ କରି ଧର୍ମଶାଳା ଅଂଚଳର କିଛି ବ୍ଲକକୁ ଛାଡି ପ୍ରାୟତଃ ରସୁଲପୁର ଓ ବରୀ ବ୍ଲକର ଧାନଚାଷୀମାନେ ବିଓଲି ଧାନ ଚାଷ କରିଥାନ୍ତି । ହେଲେ ଏବେ ଚାଷୀ ବର୍ଷାକୁ ଅନାଇ ମୁଣ୍ଡରେ ହାତ ଦେଇ ବସିଛି । ବିଭିନ୍ନ ଉପାୟରୁ ଧାର କରଜ କରି କଳ ଲଙ୍ଗଳରେ ଚାଷ କରିବା ସହିତ କଳା ବଜାରରୁ ଧାନ ବିହନ ସାଂଗକୁ ସାର ଓ କୀଟନାଶକ ଔଷଧ ଆଣି କ୍ଷେତରେ ପ୍ରୟୋଗ କରିଥିଲା । ହେଲେ ଏବେ ବର୍ଷା ଅଭାବରୁ ଧାନ ଗଛ ଉପରେ ବେଶ୍ ପ୍ରଭାବ ପକାଇଛି । ଏବେ ଧାନ ବିଲରେ ଘାସ ଉଠିଲାଣି । ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଲରୁ ଘାସ ବାଛିବାକୁ ବଳ ଯୋଗାଡ କରି ପାରୁ ନାହିଁ । ଆଉ କେଉଁଠୁ ହାତ ଉଧାର କରି ବିଲକୁ ଯିବ ତାହାକୁ ନେଇ ଚିନ୍ତାରେ ପଡି ଯାଇଛି । ଯଦି ଆଗକୁ ଧାନ ଚାଷ ପାଇଁ ଯେଉଁ ପରିମାଣର ପାଣି ଆବଶ୍ୟକ ସେହି ପରିମାଣର ବର୍ଷା ନ ହେଲେ ଚଳିତ ବର୍ଷ ଧାନ ଚାଷ ଉଜୁଡି ଯିବ ବୋଲି ଚାଷୀମାନେ କହିଛନ୍ତି । ଏବେ ଶହଶହ ଏକର ଜମି ଶୁଖିଲା ପଡିଛି । ବିଲରେ ଘାସ ବାଛିବାକୁ ଅମଙ୍ଗ ହେଉଥିବା ବେଳେ ଅନେକ ସ୍ଥାନରେ ଗୃହପାଳିତ ପଶୁମାନଙ୍କ ଚରାଭୂମି ପାଲଟିଲାଣି । ସେପଟେ ଚାଷୀ ସରକାରୀ ଧାନ ବିହନକୁ ଅନାଇ ମାର୍କେଟରୁ ଚଢା ଦରରେ ବିହନ ଆଣିବାକୁ ବାଧ ହୋଇଥିଲେ । ସାର ଓ ଔଷଧର ଦର ବୃଦ୍ଧି ସାଙ୍ଗକୁ ଦିନ ମଜୁରୀଆଙ୍କ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଯୁବ ଚାଷୀମାନେ ଏଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଲକୁ ଯିବକୁ ଅମଙ୍ଗ ହେଉଥିବା ଦେଖିବାକୁ ମିଳିଛି । ବାରମ୍ବାର ଏଭଳି ସମସ୍ୟା ଲାଗି ରହିଲେ ଚାଷୀମାନେ ଧାନ ଚାଷ ଉପରୁ ମୁହଁ ଫେରାଇବାକୁ ବାଧ ହେବେ ବୋଲି ଅଂଚଳର ଅଗ୍ରଣୀ ଚାଷୀମାନେ ମତ ପ୍ରକାଶ କରିଛନ୍ତି । ଧାନ କ୍ଷେତକୁ ଜଳସେଚନର ବ୍ୟବସ୍ଥା ନାହିଁ । ଯଦି ସରକାରୀ ସ୍ତରରେ ଆନ୍ତରିକତା ଦେଖାଇ ଜଳସେଚନ ଉପରେ ଗୁରୁତ୍ୱ ଦେଲେ ଚାଷୀ ମୁହଁରେ ହସ ଫୁଟିବ ବୋଲି ଯୁବ ଚାଷୀମାନେ କହିଛନ୍ତି ।

# ଭଦ୍ରକ ଜିଲ୍ଲାରେ ବାର୍ଷିକ ତିନିଦିନିଆ ପଲ୍ସ ପୋଲିଓ ଅଭିଯାନର ଶୁଭାରମ୍ଭ

ଭଦ୍ରକ,୩୦/୬(ନି/ପ୍ର) :ଜିଲ୍ଲାରେ ବାର୍ଷିକ ତିନିଦିନିଆ ପଲ୍ସ ପୋଲିଓ ଟୀକାକରଣ ଅଭିଯାନର ଶୁଭାରମ୍ଭ ରବିବାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବରପଦାଠାରେ ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ଦ୍ୱାରା କରାଯାଇଛି । ଏହି ଅଭିଯାନ ଅନ୍ତର୍ଗତ ଜନ୍ମରୁ ୫ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ପୋଲିଓ ପ୍ରତିଷେଧକ ବୁନ୍ଦା ପ୍ରଦାନ କରାଯିବ । ୨୮ ଜୁନରେ ଜିଲ୍ଲାର ୮୨୦ଟି ବୁଥରେ ସକାଳ ୮ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ପୋଲିଓ ବୁନ୍ଦା ଦିଆଯାଇଥିଲା । ସେହିପରି ୨୯ ଓ ୩୦ ଜୁନରେ ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ମହିଳା ସ୍ୱାସ୍ଥ୍ୟ କର୍ମୀମାନେ ଜିଲ୍ଲାର ୩,୦୭,୪୩୧ଟି ଘରକୁ ଘର ବୁଲି ବୁଥକୁ ଆସିପାରିନଥିବା ଶିଶୁମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରିବେ । ଚଳିତ ଅଭିଯାନରେ ଜିଲ୍ଲାର ୧,୪୧,୧୯୦ ଜଣ ଶିଶୁଙ୍କୁ ସାମିଲ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଙ୍ଗୀତା ବଳ, ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜ, ଜିଲ୍ଲା ଟୀକାକରଣ ଅଧିକାରୀ ଡା. କନକଲତା ସାହୁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ସୁଧୀରରଞ୍ଜନ ନାୟକ, ଜିଲ୍ଲା ରୋଗ ନିରୀକ୍ଷଣ ଅଧିକାରୀ ଡା. ମୁରଲୀଧର ପାଢ଼ୀଙ୍କ ସମେତ ବିଭିନ୍ନ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

ଉତ୍କଳ ସମାଚାର

# ସମ୍ପାଦକୀୟ...

**ବୁଧବାର ୧ ଜୁଲାଇ ୨୦୨୬**

## ଧର୍ମନିରପେକ୍ଷବାଦୀମାନେ ହେଜନ୍ତୁ

ଆମ ଦେଶରେ ଧର୍ମନିରପେକ୍ଷ ଶବ୍ଦଟି ଏକପ୍ରକାର ଆଧୁନିକତାର ପର୍ଯ୍ୟାୟବାଚୀ ହୋଇଯାଇଛି । ତାସହିତ ସମାଜବାଦୀ ଶବ୍ଦ ମିଶି ଗଲେ ସୁନାରେ ସୁହାଗ ଭଳି ବୋଧ ହେଉଛି । ସାଧାରଣତଃ କଂଗ୍ରେସ, ସମାଜବାଦୀ ଓ ବାମପନ୍ଥୀମାନେ ନିଜକୁ ବଡ ଗର୍ବରେ ଧର୍ମନିରପେକ୍ଷବାଦୀ ବୋଲି ପରିଚୟ ଦିଅନ୍ତି । ଅପରପକ୍ଷରେ ବିଜେପି ଓ ଏହାର ସହଯୋଗୀମାନଙ୍କୁ ସାମ୍ପ୍ରଦାୟିକ, ପୁଞ୍ଜିବାଦୀ ବୋଲି ଅପମାନସୂଚକ ଶବ୍ଦ ପ୍ରୟୋଗ କରିଥାନ୍ତି । ବିଭାଜନ ପୂର୍ବରୁ ମଧ୍ୟ ଏ ଶବ୍ଦର କଂଗ୍ରେସ ଭରପୁର ପ୍ରଚାର କରୁଥିଲା । ଅନ୍ୟମାନେ ଭାଇଚାରା ଓ 'ଗଙ୍ଗାଜମୁନା ତହଜିବ' ଶବ୍ଦର ଖୁବ ଜୋରଶୋରରେ ପ୍ରଚାର କରୁଥିଲେ । ଆଜିମଧ୍ୟ କଂଗ୍ରେସ ଲୋକେ 'ହିନ୍ଦୁ ମୁସଲିମ ଶିଖ ଈଶାୟୀ, ହମସବ୍ ହେ ଭାଇଭାଇ' ର ନାରା ଦିଅନ୍ତି । ଗାନ୍ଧିଜୀ ମୁସଲମାନମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଶେଷନିଶ୍ୱାସ ପର୍ଯ୍ୟନ୍ତ ଲଢିଥିଲେ । ଏତେସବୁ ସତ୍ତ୍ୱେ ଧର୍ମ ଆଧାରରେ ଦେଶର ବିଭାଜନ ହେଲା । ମୁସଲିମ ସିଧାସଳଖ କହିଲା ଯେ, ହିନ୍ଦୁମାନଙ୍କ ସହ ଆମେ ଏକାଠି ରହିପାରିବୁ ନାହିଁ । ଏଣୁ ଆମ ପାଇଁ ଅଲଗା ପାକିସ୍ତାନ ଦରକାର । ସଂଖ୍ୟା ଦୃଷ୍ଟିରୁ ଯେଉଁଯେଉଁ ସ୍ଥାନରେ ମୁସଲିମ ଅଧିକ ଥିଲେ , ସେହିସବୁ ସ୍ଥାନକୁ ନେଇ ପାକିସ୍ତାନ ସୃଷ୍ଟି ହେଲା । ବିଭାଜନ ସମୟରେ ପାକିସ୍ତାନରେ ହିନ୍ଦୁମାନଙ୍କ ସଂଖ୍ୟା ପାଖାପାଖି ୨୩ ପ୍ରତିଶତ ଥିଲା । କିନ୍ତୁ ପ୍ରତାରଣା , ଭୟ ଓ ପ୍ରଲୋଭନ କାରଣରୁ ଏହି ସଂଖ୍ୟା ଏବେ ୨ ପ୍ରତିଶତକୁ ଖସି ଆସିଛି । ମୁସଲମାନମାନଙ୍କ ପାଇଁ ସ୍ୱତନ୍ତ୍ର ଦେଶ ସୃଷ୍ଟି ହେବାରୁ ଭାରତରେ ରହିଯାଇଥିବା ମୁସଲମାନମାନେ ପାକିସ୍ତାନ ଚାଲିଯିବେ ବୋଲି ଅନେକ ଭାବିଥିଲେ । କିନ୍ତୁ ସେପରି ହେଲାନାହିଁ । ବିହାର ଓ ଉତ୍ତରପ୍ରଦେଶର ମାତ୍ର କିଛି ଲକ୍ଷ ମୁସଲମାନ ପାକିସ୍ତାନକୁ ଗଲେ । କିନ୍ତୁ ବିଧିର ବିଡମ୍ବନା ପାକିସ୍ତାନରେ ଆଜିପର୍ଯ୍ୟନ୍ତ ସେମାନଙ୍କୁ ମୁଜାହିର ବୋଲି କୁହାଯାଉଛି । କରାଚୀ ଭଳି ସ୍ଥାନରେ ଏମାନଙ୍କ ସଂଖ୍ୟା କିଛି ଅଧିକ ହୋଇଥିବାରୁ ଏମାନେ ଭଲରେ ଅଛନ୍ତି । କିନ୍ତୁ ପାକିସ୍ତାନର ଅନ୍ୟତ୍ର ସେମାନଙ୍କ ସହିତ ବିଦ୍ୱେଶ ଭାବ ଦେଖାଯାଉଛି । ବିଭାଜନ ସମୟରେ ହିଁ ଭାରତର ସମ୍ବିଧାନ ପ୍ରଣୟନ ହୋଇଥିଲା । ସେତେବେଳେ କେତେକ ସଭ୍ୟ ଧର୍ମନିରପେକ୍ଷ ଓ ସମାଜବାଦୀ ଭଳି ଶବ୍ଦର ପ୍ରୟୋଗ କରିବାକୁ ଚାହିଁଥିଲେ । କିନ୍ତୁ ବିଭାଜନକାଳୀନ ତିକ୍ତ ଅନୁଭୂତି ହେତୁ ସର୍ଦ୍ଦାର ପଟେଲ, ଡଃ ରାଜେନ୍ଦ୍ର ପ୍ରସାଦ ଓ ଡଃ ଭୀମରାଓ ଆମ୍ବେଦକରଙ୍କ ଭଳି ନେତାମାନେ ଏହାର ପ୍ରବଳ ବିରୋଧ କରନ୍ତେ ସମ୍ବିଧାନରେ ଏହି ଶବ୍ଦକୁ ପୁରାଇବା ସମ୍ଭବ ହେଲା ନାହିଁ । ସ୍ମରଣଯୋଗ୍ୟ ଯେ, ୧୯୭୬ରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହୋଇଥିଲା ବେଳେ ଏବଂ ସମସ୍ତ ବିରୋଧୀଦଳ ନେତା ଜେଲରେ ବନ୍ଦୀ ଥିଲାବେଳେ ବିନା ଆଲୋଚନାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତି ଇନ୍ଦିରାଗାନ୍ଧୀ ସମ୍ବିଧାନର ମୁଖବନ୍ଧରେ ଧର୍ମନିରପେକ୍ଷ ଓ ସମାଜବାଦୀ ଶବ୍ଦକୁ ଏକପ୍ରକାର ପଛ ଦରଜା ଦେଇ ପୁରାଇ ଦେଇଥିଲେ । ସମ୍ବିଧାନର ମୁଖବନ୍ଧକୁ ଏହାର ଆତ୍ମା ବୋଲି ଧରାଯାଏ । ଏହା ଅପରିବର୍ତ୍ତନୀୟ ବୋଲି ସାରା ବିଶ୍ୱରେ ଏକ ବିଶ୍ୱାସ ରହିଛି । କିନ୍ତୁ ତାହାସତ୍ତ୍ୱେ ଏହି ଦୁଇଟି ଶବ୍ଦକୁ ଏକ ଅତ୍ୟନ୍ତ ବିବାଦୀୟ ପରିସ୍ଥିତିରେ ଆମ ସମ୍ବିଧାନର ମୁଖବନ୍ଧରେ ଯୋଡି ଦିଆଯାଇଛି । ଏବେବି ଆମଦେଶରେ କଂଗ୍ରେସ, ସମାଜବାଦୀ ଓ ବାମପନ୍ଥୀମାନେ ନିଜକୁ ଧର୍ମନିରପେକ୍ଷବାଦୀ ଓ ସମାଜବାଦୀ କହି ଗର୍ବକରନ୍ତି । ସେମାନଙ୍କ ସଙ୍ଗରେ ମୁସଲିମ ଲିଗ ଓ ଏଆଇଏମଏମ ଭଳି ଘୋର ସାମ୍ପ୍ରଦାୟିକ ଦଳ ମଧ୍ୟ ନିଜକୁ ଧର୍ମନିରପେକ୍ଷ ଓ ସମାଜାବାଦୀ ବୋଲି କହିଥାନ୍ତି । କଥାକଥାରେ ଏମାନେ ଭାଇଚାରା ଓ ଗଙ୍ଗାଜମୁନା ତହଜିବ' ଶବ୍ଦର ପ୍ରୟୋଗ କରିବାରେ ଗର୍ବ ଅନୁଭବ କରିଥାନ୍ତି । ସମ୍ପ୍ରତି ବଙ୍ଗଳାଦେଶରେ ଅନୁଷ୍ଠିତ ସତ୍ତାପରିବର୍ତ୍ତନ ପରେ ଧର୍ମନିରପେକ୍ଷ ଶବ୍ଦର ଅସଲ ଚେହେରା ପଦାକୁ ଆସିଛି । ବଙ୍ଗଳାଦେଶର ଗଠନ ପୂର୍ବ ପାକିସ୍ତାନ ସ୍ଥାନରେ ହିଁ ହୋଇଛି । ପାକିସ୍ତାନ ଗଠନ ସମୟରେ ସେଠାରେ ମଧ୍ୟ ରକ୍ତର ନଦୀ ବୋହିଥିଲା । ନୂଆଖାଲି , ଚିଟଗାଓଁ ଭଳି ସ୍ଥାନରେ ହଜାରହଜାର ହିନ୍ଦୁଙ୍କ ଗୃହଦାହ , ହତ୍ୟା, ମହିଳାମାନଙ୍କୁ ଦୁଷ୍କର୍ମ ଓ ଲୁଣ୍ଠନ ଭଳି ଅବସ୍ଥାର ସାକ୍ଷୀ ଅଛନ୍ତି । କିନ୍ତୁ ବିଡମ୍ବନାର ବିଷୟ ହେଲା ଯେ, ୧୯୭୧ରେ ସେହି ପୂର୍ବ ପାକିସ୍ତାନରେ ବଙ୍ଗାଳୀମାନଙ୍କ ଉପରେ ପଶ୍ଚିମପାକିସ୍ତାନର ସେନା ଅକଥନୀୟ ଅତ୍ୟଚାର କଲେ । ସେଠାକାର ପାକିସ୍ତାନୀ ସେନାନାୟକ ନିଆଜୀ କହିଥିଲେ ଯେ, ମୁଁ ବଙ୍ଗାଳୀମାନଙ୍କ ଜିନକୁ ବଦଳାଇଦେବାକୁ ଚାହେଁ ବୋଲି ନିର୍ଦ୍ଦେଶ ଦେଲାପରେ ସେଠାକାର ପାକିସ୍ତାନୀ ସୈନ୍ୟମାନେ ହଜାରହଜାର ବଙ୍ଗୀୟ ଯୁବତୀଙ୍କୁ ଦୁଷ୍କର୍ମ କରିଥିଲେ । ଏହାର ପ୍ରତିବାଦ କରନ୍ତେ ଲକ୍ଷାଧିକ ବଙ୍ଗାଳୀଙ୍କୁ ହତ୍ୟା କରାଯିବା ସହ ସେମାନଙ୍କ ଉପରେ ଘୋର ଦମନଲୀଳା ଚାଲିଥିଲା । ଏହାର ପରିଣାମରେ ଏକକୋଟିରୁ ଉର୍ଦ୍ଧ୍ୱ ବଙ୍ଗାଳୀ ଶରଣାର୍ଥୀ ଭାରତରେ ପ୍ରବେଶ କରିବା ଓ ଭାରତୀୟ ସେନା ସେମାନଙ୍କୁ ତାଲିମ ଦେଇ ମୁକ୍ତିବାହିନୀ ଗଢିବା ଆଜି ଇତିହାସ ହୋଇଯାଇଛି । ତେବେ ମୁକ୍ତିବାହିନୀ ସହ ମିଶି ଭାରତୀୟ ସେନା ସେଠାରେ ପାକିସ୍ତାନୀ ସୈନ୍ୟମାନଙ୍କୁ ଆତ୍ମସମର୍ପଣ କରିବାକୁ ବାଧ୍ୟ କରିଥିଲେ । ଏହାପରେ ନୂତନ ବଙ୍ଗଳାଦେଶର ଜନ୍ମ ହୋଇଥିଲା । ମୁକ୍ତିବାହିନୀର ନେତୃତ୍ୱ ନେଇଥିବା ଶେଖ ମୁଜିବୁର ରହମାନ ନୂଆକରି ଗଢାଯାଇଥିବା ବଙ୍ଗଳାଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଏବର ବଙ୍ଗଳାଦେଶକୁ ଏକ ଧର୍ମନିରପେକ୍ଷ ଦେଶଭାବେ ଘୋଷଣା କରିଥିଲେ । କିନ୍ତୁ ପାଂଚବର୍ଷ ଭିତରେ ତାଙ୍କର ଅଧିନରେ ଥିବା ସେନାନାୟକ ବିଦ୍ରୋହ କରି ତାଙ୍କୁ ହତ୍ୟା କରିବା ସହ କ୍ଷମତାଛଡେଇ ନେଇଥିଲେ । ତାପରେ ସେ ଏହି ଦେଶକୁ ଇସଲାମିକ ରିପବ୍ଲିକ ଘୋଷଣା କଲେ । ପରେପରେ ଅନେକଥର ସେନାବାହିନୀର ବିଭିନ୍ନ ଗୋଷ୍ଠୀ ଦ୍ୱାରା ସାମରିକ ବିଦ୍ରୋହ ସତାପରିବର୍ତ୍ତନ ହେବା ପରେ ଶେଷରେ ଏଠାରେ ପୁଣି ଗଣତାନ୍ତ୍ରିକ ପଦ୍ଧତିରେ ଶାସନ ଚାଲିଲା ଏବଂ ଶେଖ ମୁଜିବୁର ରହମାନଙ୍କ ପୁତ୍ରୀ ଶେଖ ହସୀନା ପ୍ରଧାନମନ୍ତ୍ରୀ ଭାବେ କ୍ଷମତାସୀନ ହେଲାପରେ ୨୦୧୧ରେ ସମ୍ବିଧାନ ସଂଶୋଧନ କରି ଏଥିରେ ତିନୋଟି ପରିବର୍ତ୍ତନ କରିଥିଲେ । ପ୍ରଥମଟି ହେଲା ବଙ୍ଗଳାଦେଶ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହେବ । ଦ୍ୱିତୀୟରେ ସାମରିକ ବାହିନୀ ଦ୍ୱାରା କ୍ଷମତା ପରିବର୍ତ୍ତନ ହୋଇପାରିବ ନାହିଁ । ତୃତୀୟଟି ଥିଲା ବଙ୍ଗବନ୍ଧୁ ଶେଖ ମୁଜିବୁର ରହମାନଙ୍କୁ ଫାଦର ଅଫ ଦି ବଙ୍ଗଳାଦେଶ ବା ବଙ୍ଗଳାଦେଶର ରାଷ୍ଟ୍ରପିତା ଘୋଷଣା କରାଯାଇଥିଲା । ଏହାସତ୍ତ୍ୱେ ଚଳିତବର୍ଷ ଛାତ୍ର ଆନ୍ଦୋଳନକୁ ଆଳ କରି ସେଠାକାର ଜିହାଦୀ ଓ

# ଜନ-ଅବିଶ୍ୱାସ

ଜୀବନ ମରଣ ସହିତ ସଂପୃକ୍ତ ଔଷଧ ଉତ୍ପାଦନକୁ ଯେ କୌଣସି ଏକ ଶିଳ୍ପ ରୂପେ ବିଚାର କରାଯାଇ ପାରିବ ନାହିଁ କିମ୍ବା ଜନବିଶ୍ୱାସ ଆଇନ ଅନୁସାରେ କୋମଳ ଆଭିମୁଖ୍ୟ ପ୍ରଦର୍ଶନ କରାଯାଇ ପାରିବ ନାହିଁ। ସେପରି ହେଲେ ଜନବିଶ୍ୱାସ ପରିଣତ ହେବ ଜନ-ଅବିଶ୍ୱାସରେ। ବିଗତ କେତେ ବର୍ଷ ଧରି ଭାରତରେ ପ୍ରସ୍ତୁତ ଓ ବହୁଳ ବ୍ୟବହୃତ କଫ୍ ସିରପ୍ ?ମାନଙ୍କୁ କେନ୍ଦ୍ର କରି ଦେଶ ଭିତରେ ଓ ବିଦେଶରେ ଯେଉଁ କେଳେଙ୍କାରୀମାନ ନିୟମିତ ଭାବରେ ଆବିର୍ଭୂତ ହେବା ଦେଖାଯାଇଛି, ତାହାର ଏକ ସମାଧାନର ସୂତ୍ର ସ୍ୱରୂପ କେନ୍ଦ୍ର ସରକାର ଏବେ ଆମ ଦେଶରେ ବିନା ଡାକ୍ତରଙ୍କ ପ୍ରେସ୍କ୍ରିପ୍ସନରେ କଫ୍ ସିରପ୍ ବିକ୍ରୟକୁ ନିଷିଦ୍ଧ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଦେଶ ଜାରି କରିଛନ୍ତି। ୨୦୨୨ରେ ଆଫ୍ରିକାର ଗାମ୍ବିଆରେ ବିଷାକ୍ତ କଫ୍ ସିରପ୍ ସେବନ କରି ପ୍ରାୟ ୭୦ ଜଣ ଶିଶୁଙ୍କର ମୃତ୍ୟୁ ଘଟିବା ପରେ 'ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ' ('ହୁ') ଦ୍ୱାରା କରାଯାଇଥିବା ଅନୁସନ୍ଧାନ ଭାରତର 'ମର୍ଡନ ଫାର୍ମାସିଉଟିକାଲ୍ସ' ଦ୍ୱାରା ପ୍ରସ୍ତୁତ ଚାରିଟି କଫ୍ ସିରପ୍‌କୁ ଏଥିପାଇଁ ଦାୟୀ କରିଥିଲା। ଗବେଷଣାଗାରରେ କରାଯାଇଥିବା ପରୀକ୍ଷାରୁ ଏଇ ବିଷାକ୍ତ କଫ୍ ସିରପ୍‌ଗୁଡ଼ିକରେ 'ଡାଇଏଥିଲିନ୍ ଗ୍ଲାଇକଲ୍' ('ଡିଇଜି') ଓ 'ଏଥିଲିନ୍ ଗ୍ଲାଇକଲ୍' ('ଇଜି') ବିପଜ୍ଜନକ ମାତ୍ରାରେ ଉପସ୍ଥିତ ଥିବା ଆବିଷ୍କୃତ ହୋଇଥିଲା। ଏହା ପରେ ପରେ ୨୦୨୨-୨୩ରେ ଅନୁରୂପ କାରଣରୁ ଭାରତରୁ ଆମଦାନି ହୋଇଥିବା କଫ୍ ସିରପ୍ ସେବନ କରି ଏସିଆର ଉଜ୍‌ବେକିସ୍ତାନରେ ୬୮ ଜଣ ଶିଶୁଙ୍କର ମୃତ୍ୟୁ ଘଟିଥିଲା। ଏଥର ଅପରାଧୀ ଥିଲେ ଭାରତର ଅନ୍ୟ ଏକ ଔଷଧ ନିର୍ମାତା କଂପାନି- 'ମାରିଅନ୍ ବାୟୋଟେକ୍'। ଏହା ପରେ ୨୦୨୫ରେ ଭାରତର ମଧ୍ୟପ୍ରଦେଶରେ ସେଇଭଳି ବିଷାକ୍ତ କଫ୍ ସିରପ୍ ସେବନ କରି ୨୦ ଜଣରୁ ଅଧିକ ଶିଶୁଙ୍କର ଅକାଳ ମୃତ୍ୟୁ ଘଟିଲା। ଏଇ ଘାତକ ସିରପ୍‌ର ନିର୍ମାତା ଥିଲା ଆଉ ଏକ କଂପାନି- 'ଶ୍ରେସନ୍ ଫାର୍ମାସିଉଟିକାଲ୍ସ'। ପ୍ରତ୍ୟେକ ଘଟଣାରେ ସଂପୃକ୍ତ କଫ୍ ସିରପ୍‌ରେ ମାତ୍ରାଧିକ ପରିମାଣରେ 'ଡିଇଜି' ଓ 'ଇଜି'ର ଉପସ୍ଥିତି ଯୋଗୁଁ ସେବନକାରୀ ଶିଶୁଙ୍କର କିଡ୍‌ନି ଓ ଲିଭର୍ କ୍ଷତିଗ୍ରସ୍ତ ହେବା ଯୋଗୁଁ ସେମାନଙ୍କର ମୃତ୍ୟୁ ଘଟିଥିଲା। ସମସ୍ୟାର ଗୁରୁତ୍ୱ ଉପଲବ୍ଧି କରି ଚଳିତ ବର୍ଷ ଫେବ୍ରୁଆରିରେ ସୁପ୍ରିମ୍ କୋର୍ଟ ଏଥିପାଇଁ ଭାରତର ସଂପୃକ୍ତ ଫାର୍ମା କଂପାନିମାନଙ୍କୁ ତୀବ୍ର ଭର୍ତ୍ସନା କରିଥିଲେ। ଲାଭ ପଛରେ ଧାଇଁ ସେମାନେ ଦେଶର ଭାବମୂର୍ତ୍ତିରେ କଳଙ୍କ ଲଗାଉଛନ୍ତି ବୋଲି ସର୍ବୋଚ୍ଚ ଅଦାଲତ ସେମାନଙ୍କୁ ଘୋର ନିନ୍ଦା କରିଥିଲେ। ଏହା ପରେ ପ୍ରତିକ୍ରିୟା ସ୍ୱରୂପ କେନ୍ଦ୍ର ସରକାର ଏବେ ଉପରୋକ୍ତ ନିଷେଧାଦେଶ ଜାରି କରିଛନ୍ତି। ଏହାର ଉଦ୍ଦେଶ୍ୟ- କେବଳ ନିୟନ୍ତ୍ରିତ ଲାଇସେନ୍‌ସପ୍ରାପ୍ତ ଔଷଧ ବିକ୍ରେତାମାନଙ୍କ ମାଧ୍ୟମ ଦେଇ କଫ୍ ସିରପ୍‌ର ବିକ୍ରୟ ନିଶ୍ଚିତ କରିବା। ଏହାଦ୍ୱାରା କେବଳ ନିୟନ୍ତ୍ରିତ ମାର୍ଗ ଦେଇ କଫ୍ ସିରପ୍ ସବୁର ଚଳନ ଘଟିବ, ଉପଭୋକ୍ତାମାନେ ମନଇଚ୍ଛା ଏହାକୁ ବ୍ୟବହାର କରିପାରିବେ ନାହିଁ, ଏବଂ ଯେତେବେଳେ ଏହାର ସେବନ ଯୋଗୁଁ କୌଣସି ଅଘଟଣ ଘଟିବ, ସେତେବେଳେ ଦୋଷୀକୁ ତୁରନ୍ତ ଚିହ୍ନଟ କରାଯାଇ ପାରିବ। କିନ୍ତୁ ଆମ ଦେଶରେ ଔଷଧପତ୍ରର ଖୁଚୁରା ବିକ୍ରୟ ବ୍ୟବସ୍ଥାର ବାସ୍ତବତା ଓ ପ୍ରେସ୍କ୍ରିପ୍ସନ ଲେଖିବାରେ ଅନୁସୃତ ହୁଗୁଳା ପରମ୍ପରା ପୃଷ୍ଠଭୂମିରେ ସରକାରଙ୍କର ଏହି ଉଦ୍ୟମ କେତେଦୂର ଫଳପ୍ରଦ ହେବ, ତାହା ସନ୍ଦେହଜନକ। ଉଦାହରଣ ସ୍ୱରୂପ ଔଷଧପତ୍ରର ମାନ ନିୟନ୍ତ୍ରଣ ଦାୟିତ୍ୱ ନିର୍ବାହ କରୁଥିବା 'ସେଣ୍ଟ୍ରାଲ୍ ଡ୍ରଗ୍‌ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ୍ ଅର୍ଗାନାଇଜେସନ୍' ଉପରୋକ୍ତ କେଳେଙ୍କାରୀମାନ ଘଟିବା ପରେ ଦେଶରେ ସକ୍ରିୟ ଥିବା ପ୍ରାୟ ୧୩୦୦ ସରିକି କଫ୍ ସିରପ୍ ଉତ୍ପାଦନକାରୀମାନଙ୍କର ଉତ୍ପାଦନକୁ ଯାଚଂ କରିବାରେ ବିଶେଷ ତତ୍ପରତା ପ୍ରଦର୍ଶନ କରିନାହିଁ। ଯାଚଂ ସମୟରେ ଧରାପଡ଼ିଥିବା ନିମ୍ନମାନର ଔଷଧ ନିର୍ମାତାମାନଙ୍କ ସମ୍ବନ୍ଧରେ ସୂଚନା ମଧ୍ୟ ଏହି ନିୟନ୍ତ୍ରକ ସଂସ୍ଥା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରିନାହିଁ। ଏଥିପାଇଁ କେଉଁ କେଉଁ ଔଷଧ ନିର୍ମାତାମାନଙ୍କୁ ଚେତାବନୀ ଦିଆଯାଇଛି, ସେ ସମ୍ବନ୍ଧରେ ମଧ୍ୟ କୌଣସି ସୂଚନା ପ୍ରକାଶ ପାଇନାହିଁ। କେବଳ ଔଷଧର ବିତରଣକୁ ନିୟନ୍ତ୍ରିତ କରିବା ଦ୍ୱାରା ଉତ୍ପାଦନର ମାନ ନିୟନ୍ତ୍ରଣରେ ପରିଦୃଷ୍ଟ ଏଭଳି ହୁଗୁଳା ଅବସ୍ଥାରେ ଉନ୍ନତି ସାଧନ କରାଯାଇ ପାରିବ ନାହିଁ। ଆଇନରେ ଥିବା ଦୁର୍ବଳତା ହେଉଛି ଆମ ଦେଶରେ ଔଷଧପତ୍ରର ମାନରେ ରହିଥିବା ଦୁର୍ବଳତାର ଏକ ମୁଖ୍ୟ କାରଣ। ଉପରୋକ୍ତ ନିୟନ୍ତ୍ରକ ସଂସ୍ଥାକୁ ଦେଶରେ ଔଷଧ ନିର୍ମାଣ ପ୍ରକ୍ରିୟା ଓ ଗୁଣାତ୍ମକ ମାନ ନିୟନ୍ତ୍ରଣ କରିବାକୁ କ୍ଷମତା ପ୍ରଦାନ କରାଯାଇଥିଲେ ହେଁ, ଯଦି କୌଣସି ଏକ ରାଜ୍ୟରେ କୌଣସି ଏକ ନିର୍ଦ୍ଦିଷ୍ଟ ନିର୍ମାତାଙ୍କର ଔଷଧରେ କୌଣସି ଗୁଣାତ୍ମକ ସମସ୍ୟା ରହିଥିବା ଆବିଷ୍କୃତ ହୁଏ, ଦେଶର ସବୁଗୁଡ଼ିକ ରାଜ୍ୟରେ ତାହାର ପ୍ରସାର ଉପରେ ଅଙ୍କୁଶ ଲାଗୁ ହେବା ପାଇଁ କୌଣସି ବ୍ୟବସ୍ଥା ଉପଲବ୍ଧ ନାହିଁ। ଉଦାହରଣ ସ୍ୱରୂପ ଯଦି ଓଡ଼ିଶାର ଡ୍ରଗ୍‌ସ କଣ୍ଟ୍ରୋଲ୍ କର୍ତ୍ତୃପକ୍ଷ ହିମାଚଳପ୍ରଦେଶରେ ଉତ୍ପାଦିତ ହୋଇଥିବା କୌଣସି ଏକ ଔଷଧର ଗୁଣାତ୍ମକ ମାନ ନିମ୍ନ ଶ୍ରେଣୀର କିମ୍ବା ବିପଜ୍ଜନକ ହୋଇଥିବା ଆବିଷ୍କାର କରନ୍ତି, ସେମାନେ କେବଳ ହିମାଚଳପ୍ରଦେଶର ଡ୍ରଗ୍‌ସ କଣ୍ଟ୍ରୋଲ୍ କର୍ତ୍ତୃପକ୍ଷଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ପାଇଁ ଜଣାଇ ଦେଇପାରିବେ; ଓଡ଼ିଶା କର୍ତ୍ତୃପକ୍ଷ ସିଧାସଳଖ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ନାହିଁ। ଏଇ ପଥଭ୍ରଷ୍ଟ ଔଷଧ ନିର୍ମାତାଙ୍କ ସଂପର୍କରେ ଦେଶର ସମସ୍ତ ରାଜ୍ୟମାନଙ୍କୁ ଅବଗତ କରାଯିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏଥିରେ ସନ୍ଦେହ ନାହିଁ ଯେ ଏ କ୍ଷେତ୍ରରେ ଅନୁସୃତ 'ଡ୍ରଗ୍‌ସ ଆଣ୍ଡ କସ୍‌ମେଟିକ୍‌ସ ଆକ୍ଟ, ୧୯୪୦' ବର୍ତ୍ତମାନର ପରିବର୍ତ୍ତିତ ସମୟ ସହିତ ତାଳଦେଇ କାର୍ଯ୍ୟ କରିବାରେ ଅସମର୍ଥ ହୋଇପଡ଼ିବା ହେତୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଇତିମଧ୍ୟରେ ଦେଶର ଜନସଂଖ୍ୟାରେ ଘଟିଥିବା ବିସ୍ଫୋରକ ବୃଦ୍ଧି ଓ ଅସୁମାରି ନୂତନ ଔଷଧପତ୍ରର ଆବିର୍ଭାବ ସହିତ ଖାପ ଖାଇବା ପାଇଁ ସେଇ ପୁରୁଣାକାଳର ଆଇନର ଆଧୁନିକୀକରଣ ଜରୁରି ହୋଇପଡ଼ିଲାଣି। ଇତିମଧ୍ୟରେ କେନ୍ଦ୍ର ସରକାରଙ୍କ ଉଦ୍ୟମରେ ପ୍ରଣୀତ ହୋଇଥିବା ଜନବିଶ୍ୱାସ ଆକ୍ଟ, ୨୦୨୩ ଦ୍ୱାରା ୪୨ଟି କେନ୍ଦ୍ରୀୟ ଆଇନରେ ଥିବା ୧୮୩ଟି ଗେଜେଣ ଓ ପ୍ରକ୍ରିୟାଗତ ଅପରାଧର ଅଣ-ଅପରାଧକରଣ କରାଯାଇଛି। ଦେଶରେ ଶିଳ୍ପ ବ୍ୟବସାୟକୁ ସୁଗମ ଓ ସୁବିଧାଜନକ କରିବା ଉଦ୍ଦେଶ୍ୟରେ ସରକାର ଏଇ ସ୍ୱାଗତଯୋଗ୍ୟ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାଦ୍ୱାରା ଗୁରୁତର ବିବେଚିତ ହେଉ ନ ଥିବା ସେମାନଙ୍କର ତ୍ରୁଟିବିଚ୍ୟୁତି ପାଇଁ ଶିଳ୍ପୋଦ୍ୟୋଗୀମାନଙ୍କୁ ଆଉ ପୂର୍ବଭଳି ଆପରାଧିକ ମାମଲାରେ ଛନ୍ଦି ହେବାକୁ ପଡୁ ନାହିଁ କିମ୍ବା ଦଣ୍ଡ ଭୋଗ କରିବାକୁ ପଡୁ ନାହିଁ। କିନ୍ତୁ ଔଷଧପତ୍ର ଉତ୍ପାଦନକାରୀମାନେ ଏହାର ସୁଯୋଗ ନେଇ ଯଦି ସେମାନଙ୍କର ଉତ୍ପାଦନର ମାନ ନିୟନ୍ତ୍ରଣରେ ଅବହେଳା କରନ୍ତି କିମ୍ବା ଜାଣିଶୁଣି ଲାଭ ଅନ୍ୱେଷଣରେ ନିମ୍ନମାନର ଔଷଧ ଉତ୍ପାଦନ କରନ୍ତି, ତାହାର ପରିଣାମ ବିପଜ୍ଜନକ ହେବା ଅନିବାର୍ଯ୍ୟ। ଜୀବନ ମରଣ ସହିତ ସଂପୃକ୍ତ ଔଷଧ ଉତ୍ପାଦନକୁ ଯେ କେ?ଣସି ଏକ ଶିଳ୍ପ ରୂପେ ବିଚାର କରାଯାଇ ପାରିବ ନାହିଁ କିମ୍ବା ଜନବିଶ୍ୱାସ ଆଇନ ଅନୁସାରେ ?କୋମଳ ଆଭିମୁଖ୍ୟ ପ୍ରଦର୍ଶନ କରାଯାଇ ପାରିବ ନାହିଁ। ସେପରି ହେଲେ ଜନବିଶ୍ୱାସ ପରିଣତ ହେବ ଜନ-ଅବିଶ୍ୱାସରେ। ସରକାର ତେଣୁ ମାନ ନିୟନ୍ତ୍ରଣକୁ କଡ଼ାକଡ଼ି ନ କରି କେବଳ କଫ୍ ସିରପ୍ ବିକ୍ରୟ ପାଇଁ ଡାକ୍ତରଙ୍କ ପ୍ରେସ୍କ୍ରିପ୍ସନକୁ ବାଧ୍ୟତାମୂଳକ କରିଦେଲେ ଆପେ ଆପେ ସେଇ ଔଷଧର ଗୁଣାତ୍ମକ ମାନରେ ଉନ୍ନତି ଘଟିବ ନାହିଁ। ଏଥିପାଇଁ ମାନ ନିୟନ୍ତ୍ରଣ ଆଇନକୁ ଯୁଗୋପଯୋଗୀ ଓ କଠୋର କରାଯିବା ଜରୁରି।

# ପାଦ ପାଇଁ ପଦେ

ସେ ଧନୀ ହୋଇଥାନ୍ତୁ କି ଦରିଦ୍ର ହୋଇଥାନ୍ତୁ, ଛାତ୍ର ହୋଇଥାନ୍ତୁ କି ଶିକ୍ଷକ, ଶ୍ରମିକ ହୋଇଥାନ୍ତୁ କି ମାଲିକ, ମନ୍ତ୍ରୀ ହୋଇଥାନ୍ତୁ କି ହୋଇଥାନ୍ତୁ ମତଦାତା... ଚାଲୁଥିବା ଅବସ୍ଥାରେ ସମସ୍ତେ ହୋଇଥାନ୍ତି ଜଣେ ଜଣେ ପଦଚାରୀ। ତେଣୁ ଏଥିପାଇଁ ଚାଲିବାର ଅଧିକାର ହେଉଛି ସମାନତା ଅଧିକାରର ଏକ ଅବିଚ୍ଛେଦ୍ୟ ଅଂଶ। ଅନେକ ନଗରୀକରଣ ବିଶେଷଜ୍ଞମାନେ ତେଣୁ ଏକ ସହରରେ ଥିବା ସ୍କାଏସ୍କ୍ରେପ ?ର ଉଚ୍ଚତା ନୁହେଁ, ତାହାର ଫୁଟ୍‌ପାଥ୍‌ର ଅବସ୍ଥାକୁ ସେ ସହରର ସଭ୍ୟତାର ପରିମାପକ ରୂପେ ଦେଖିଥାନ୍ତି। ଭାରତୀୟ ସଂବିଧାନର ଧାରା-୨୧ ଏ ଦେଶର ନାଗରିକମାନଙ୍କୁ ବଚିଂବାର ମୌଳିକ ଅଧିକାର ପ୍ରଦାନ କରିଥାଏ। ବିଗତ ବର୍ଷମାନଙ୍କରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍ କୋର୍ଟ ବିଭିନ୍ନ ସମୟରେ ରାୟ ଦେଇ ଏଇ ଧାରା-୨୧ର ପ୍ରୟୋଗର ପରିସରକୁ ସଂପ୍ରସାରିତ କରିଚାଲିବା ଦେଖାଯାଇଛି। ଉଦାହରଣ ସ୍ୱରୂପ ଦୁଇ ମାସ ତଳେ ଅଦାଲତ ଆପଣାଛାଏଁ ଏକ ରାୟ ଦେଇ ଦେଶର ସଡ଼କମାନଙ୍କୁ ଗାଡ଼ି ଚଳାଚଳ ପାଇଁ ନିରାପଦ ରଖାଯିବାକୁ ଏଇ ଧାରାର ପରିସରରେ ଅନ୍ତର୍ଭୁକ୍ତ କରିଥିଲେ। ଏବେ ଏଇ ସର୍ବୋଚ୍ଚ ନ୍ୟାୟାଳୟ ପ୍ରଦାନ କରିଥିବା ଏକା ସଦ୍ୟ ରାୟରେ ଉଭୟ ସହରାଂଚଳ ଓ ଗ୍ରାମା˜ଳରେ ପଥଚାରୀମାନେ ନିରାପଦରେ ଚାଲିପାରିବା ପାଇଁ ଉପଯୁକ୍ତ ଭାବରେ ରକ୍ଷଣାବେକ୍ଷଣ କରାଯାଉଥିବା ଫୁଟ୍‌ପାଥ୍ ଓ ଚଲାପଥମାନଙ୍କର ଉପଲବ୍ଧତାକୁ ମଧ୍ୟ ଧାରା-୨୧ର ପରିସର ଅନ୍ତର୍ଭୁକ୍ତ କରିଦେଇଛନ୍ତି। ଚାଲିବାକୁ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ରୂପେ ବର୍ଣ୍ଣନା କରି ନାଗରିକର ନିରାପଦରେ ଚାଲିବାର ଅଧିକାରକୁ ତାଙ୍କର ଏଇ ରାୟରେ ଅଦଲାତ ଏକ ମେ?ଳିକ ଅଧିକାର ରୂପେ ଘୋଷଣା କରିଛନ୍ତି। ନିଜର ଏଇ ଅଧିକାରର ଉଲ୍ଲଂଘନ ଘଟିଲେ ଜଣେ ନାଗରିକ ତାହାର ପ୍ରତିକାର ପାଇଁ ଏଣିକି ସୁପ୍ରିମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବ। ନାଗରିକର ଏଇ ମେ?ଳିକ ଅଧିକାରକୁ ସ୍ୱୀକୃତି ପ୍ରଦାନ ନିମିନ୍ତ ଏକ ଆଇନ ପ୍ରଣୟନ କରିବା ପାଇଁ ଅଦାଲତ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗାଡ଼ି ଧକ୍‌କାରେ ରାସ୍ତାରେ ଚାଲିଚାଲି ଯାଉଥିବା ଏକ ସ୍କୁଲ ଛାତ୍ରର ମୃତ୍ୟୁ ଘଟିବା ସଂପର୍କିତ ଏକ ମାମଲାର ଶୁଣାଣି କରି ସୁପ୍ରିମ୍ କୋର୍ଟ ଏଇ ରାୟ ପ୍ରଦାନ କରିବାକୁ ଆଗେଇ ଆସିଛନ୍ତି। ତେବେ ଏଇ ରାୟର ତାତ୍ପର୍ଯ୍ୟ ସୁଦୂରପ୍ରସାରୀ ହୋଇଥାଏ। ଏହା ଆମର ନଗରାଂଚଳ ନିର୍ମାଣ ପଛରେ ନିହିତ ଥିବା ସଂକୀର୍ଣ୍ଣ, ସ୍ୱଚ୍ଛଳ-ତୁଷ୍ଟିକାରୀ ମାନସିକତାକୁ ପଦାରେ ପକାଇ ସେଗୁଡ଼ିକୁ ଅଧିକ ଅନ୍ତର୍ଭୁକ୍ତକାରୀ କରିବା ଦିଗରେ ଏକ ଉଦ୍ୟମ କହିଲେ ଅତ୍ୟୁକ୍ତି ହେବ ନାହିଁ। ବର୍ତ୍ତମାନର ଉପସ୍ଥିତ ବ୍ୟବସ୍ଥା ଦେଖିଲେ ମନେହୁଏ ଆମର ସହରମାନ ହେଉଛନ୍ତି କେବଳ ସ୍ୱଚ୍ଛଳ ବର୍ଗମାନଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନେ ଯାତାୟାତ କରିବା ପାଇଁ ସର୍ବଦା ଗାଡ଼ିମଟର ବ୍ୟବହାର କରିଥାନ୍ତି। ସୁପ୍ରିମ୍ କୋର୍ଟଙ୍କର ରାୟ କିନ୍ତୁ ସ୍ପଷ୍ଟ କରିଦେଇଛି ଯେ ଗମନାଗମନ ପାଇଁ ନିଜର ଈଶ୍ୱରଦତ୍ତ ପାଦ ବ୍ୟବହାର କରୁଥିବା ସମସ୍ତଙ୍କର ମଧ୍ୟ ସହରମାନଙ୍କରେ ନିରାପଦରେ ଓ ଅବାଧରେ ବାସ କରିବାର ଅଧିକାର ରହିଛି- ପିଲାରୁ ବୁଢ଼ା ପର୍ଯ୍ୟନ୍ତ, ଧନୀରୁ ଗରିବ ପର୍ଯ୍ୟନ୍ତ, ଶାରୀରିକ ସକ୍ଷମରୁ ଅକ୍ଷମ ପର୍ଯ୍ୟନ୍ତ...। ସୁପ୍ରିମ୍ କୋର୍ଟଙ୍କର ଏଇ ରାୟ ବାସ୍ତବରେ ସାବ୍ୟସ୍ତ କରିବାକୁ ଚାହିଁବା ଭଳି ମନେ ହୋଇଥାଏ ଯେ ପଦବ୍ରଜର ଇତିହାସ ହେଉଛି ପୃଥିବୀ ପୃଷ୍ଠରେ ମାନବ ସଭ୍ୟତାର ଇତିହାସ। ମନୁଷ୍ୟ ଚକ ବା ଇଞ୍ଜିନ ବା ବ୍ୟୋମଯାନ ଉଦ୍ଭାବନ କରିବାର ବହୁ ପୂର୍ବରୁ ତା'ର ପୂର୍ବପୁରୁଷମାନେ କେବଳ ପାଦରେ ଚାଲିଚାଲି ହିଁ ଆଫ୍ରିକାରୁ ବାହାରି ସାରା ପୃଥିବୀରେ ଖେଳାଇ ହୋଇ ଯାଇଥିଲେ। ଆଜିର କୌଣସି ମନୁଷ୍ୟର ଚାଲିବାରେ କୃତ୍ରିମ ବାଧା ସୃଷ୍ଟି କରିବା ହେଉଛି ତେଣୁ ତା'ର ସେଇ ପାରମ୍ପରିକ ଅଧିକାରର ଏକ ଉଲ୍ଲଂଘନ। ସାର୍ବଜନୀନ ସ୍ଥଳୀମାନଙ୍କ ଉପରେ ପ୍ରଥମ ଅଧିକାର ହେବା ଉଚିତ ମନୁଷ୍ୟର, କୌଣସି ଯନ୍ତ୍ରର ନୁହେଁ। ମାନବ ସଭ୍ୟତାକୁ ରୂପ ପ୍ରଦାନ କରିଥିବା ମହାନ ଚିନ୍ତାନାୟକ ଓ ଦାର୍ଶନିକମାନେ ତେଣୁ ସର୍ବଦା ଚାଲିବାର ଗୁଣଗାନ କରିଥିବା ଦେଖାଯାଇଥାଏ। ଏହାର ଏକ ପ୍ରଧାନ ଉଦାହରଣ ହେଉଛନ୍ତି ପ୍ରସିଦ୍ଧ ସ୍ୱିସ୍-ଫରାସୀ ଦାର୍ଶନିକ ରୁଷୋ, ଯିଏ ଘୋଷଣା କରିଥିଲେ ଯେ ତାଙ୍କର ପାଦ ଚଳମାନ ହେଲେ ହିଁ ତାଙ୍କର ମସ୍ତିଷ୍କ ଚଳମାନ ହୋଇଥାଏ। ଚାଲିବା ତେଣୁ ତାଙ୍କୁ ଏକ ବେ?ଦ୍ଧିକ ମୁକ୍ତି ପ୍ରଦାନ କରୁଥିଲା। ମହାତ୍ମା ଗାନ୍ଧୀଙ୍କର ଆଦର୍ଶ ଆମେରିକୀୟ ଦାର୍ଶନିକ ଥୋରୁ ମଧ୍ୟ ପଦବ୍ରଜକୁ ବିଭିନ୍ନ ସାମାଜିକ, ଅର୍ଥନୈତିକ, ରାଜନୈତିକ ବନ୍ଧନରୁ ସାମୟିକ ସ୍ୱାଧୀନତାର ଘୋଷଣା ରୂପେ ବିଚାର କରୁଥିଲେ। ମହାତ୍ମା ଗାନ୍ଧୀ ତେଣୁ ପାଦରେ ଚାଲିଚାଲି ସାରା ଦେଶ ପରିକ୍ରମା କରି ଶେଷରେ ସ୍ୱାଧୀନତା ହାସଲ କରିବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ରୁଷୋ, ଥୋରୁ ବା ଗାନ୍ଧୀ ସେମାନଙ୍କର ଅନ୍ତର୍ଦୃଷ୍ଟି ବଳରେ ଯେଉଁ ସତ୍ୟର ଆବିଷ୍କାର କରିଥିଲେ ଆଜିର ସ୍ୱାସ୍ଥ୍ୟ ବିଜ୍ଞାନ ଗବେଷଣା ମାଧ୍ୟମରେ ତାହାକୁ ସତ୍ୟ ସାବ୍ୟସ୍ତ କରିଛି। ଏହା ଅନୁସାରେ ଚାଲିବା ଦ୍ୱାରା କାର୍ଡିଓଭାସ୍କୁଲାର ସ୍ୱାସ୍ଥ୍ୟରେ ଉନ୍ନତି ଘଟିଥାଏ, ମାନସିକ ଚାପରେ ହ୍ରାସ ଘଟିଥାଏ, ସୃଜନଶୀଳତାରେ ବୃଦ୍ଧି ଘଟିଥାଏ ଏବଂ ମାନସିକ ସ୍ୱାସ୍ଥ୍ୟାବସ୍ଥା ଉତ୍ତମ ରହିଥାଏ। ମନେ ହୁଏ ଏହାର ଏକ ପ୍ରାଚୀନ ତଥା ବଳିଷ୍ଠ ପ୍ରମାଣ ହେଉଛନ୍ତି ପାଶ୍ଚାତ୍ୟ ଦର୍ଶନର ଜନକ ସକ୍ରେଟିସ୍। ପେଲୋପୋନେସିଆନ୍ ଯୁଦ୍ଧରେ ଏକ ପଦାତିକ ସୈନିକ ଭାବରେ ଭାଗ ନେଇ ଅପୂର୍ବ ସାହସିକତା ଓ ବୀରତ୍ୱର ପରିଚୟ ଦେଇଥିବା ଏହି ବଳିଷ୍ଠ ବପୁଧାରୀ ବିଚକ୍ଷଣ ଚିନ୍ତକ ଏଥେନ୍‌ସର 'ଆଗୋରା'ରେ ପଦଚାରଣ କରିବା ଅବସ୍ଥାରେ ହିଁ ତାଙ୍କର ସମସ୍ତ ବିଚକ୍ଷଣ ଚିନ୍ତନର ପରିସ୍ଫୁରଣ ଘଟିଥିଲା। ଆରିଷ୍ଟୋଟଲଙ୍କ ଶିଷ୍ୟମାନେ ଚାଲିବା ଅବସ୍ଥାରେ ଜ୍ଞାନ ଚର୍ଚ୍ଚା କରୁଥିବାରୁ ସେମାନେ 'ପେରିପାଟେଟିକ୍' ନାମରେ ପରିଚିତ ଥିଲେ। ତେବେ ପଦଚାରଣାର ଏଇ ବୌଦ୍ଧିକ ଦିଗକୁ ଅତିକ୍ରମ କରି ତା'ର ଅନ୍ୟ ଯେଉଁ ଏକ ଦିଗ ବିଶେଷ ଗୁରୁତ୍ୱ ବହନ କରିଥାଏ, ତାହା ହେଲା ଏହାର ଚରମ ଗଣତାନ୍ତ୍ରିକ ଚରିତ୍ର। ଚାଲିବା ପାଇଁ କୌଣସି ସଂପଦ ବା ମର୍ଯ୍ୟାଦା ଲୋଡ଼ା ହୋଇ ନ ଥାଏ। ସେ ଧନୀ ହୋଇଥାନ୍ତୁ କି ଦରିଦ୍ର ହୋଇଥାନ୍ତୁ, ଛାତ୍ର ହୋଇଥାନ୍ତୁ କି ଶିକ୍ଷକ, ଶ୍ରମିକ ହୋଇଥାନ୍ତୁ କି ମାଲିକ, ମନ୍ତ୍ରୀ ହୋଇଥାନ୍ତୁ କି ହୋଇଥାନ୍ତୁ ମତଦାତା... ଚାଲୁଥିବା ଅବସ୍ଥାରେ ସମସ୍ତେ ହୋଇଥାନ୍ତି ଜଣେ ଜଣେ ପଦଚାରୀ। ତେଣୁ ଏଥିପାଇଁ ଚାଲିବାର ଅଧିକାର ହେଉଛି ସମାନତା ଅଧିକାରର ଏକ ଅବିଚ୍ଛେଦ୍ୟ ଅଂଶ। ଅନେକ ନଗରୀକରଣ ବିଶେଷଜ୍ଞମାନେ ତେଣୁ ଏକ ସହରରେ ଥିବା ସ୍କାଏସ୍କ୍ରେପ ?ର ଉଚ୍ଚତା ନୁହେଁ, ତାହାର ଫୁଟ୍‌ପାଥ୍‌ର ଅବସ୍ଥାକୁ ସେ ସହରର ସଭ୍ୟତାର ପରିମାପକ ରୂପେ ଦେଖିଥାନ୍ତି। 'ବେଗ ହିଁ ଉନ୍ନତିର ଲକ୍ଷଣ'କୁ ଆଦର୍ଶ ରୂପେ ଗ୍ରହଣ କରିଥିବା ଆଜିର ଅଣନିଃଶ୍ୱାସୀ ଜୀବନଶେ?ଳୀରେ ଫୁଟ୍ ?ପାଥ୍ ବ୍ୟବହାରକାରୀମାନଙ୍କର ଶିଥିଳ ଗତି ଏକ ବେଖାପ ବିକୃତି ଭଳି ମନେ ହେଉଥିଲେ ହେଁ, ଏଇ ପଦଚାରୀମାନଙ୍କ ପାଖରେ ହିଁ ପରସ୍ପରକୁ ଭେଟିବାର, କଥାବାର୍ତ୍ତା ହେବାର, ସୁଖଦୁଃଖ ବାଟିଂବାର, ମତାମତ ବିନିମୟ କରିବାର ସମୟ, ସୁବିଧା ଓ ମାନସିକତା ଥାଏ, ଯାହା ହେଉଛି ଉଭୟ ସଭ୍ୟତା ଓ ଗଣତନ୍ତ୍ରର ମୂଳାଧାର ।ଥୋରୁ ଚାଲିବାରେ ସ୍ୱାଧୀନତା ଆବିଷ୍କାର କରିଥିଲେ; ରୁଷୋ ସେଥିରେ ବିଜ୍ଞତା ସନ୍ଧାନ କରିଥିଲେ; ଭାରତର ସୁପ୍ରିମ୍ କୋର୍ଟ ସେଥିରେ ନାଗରିକର ଏକ ମୌଳିକ ଅଧିକାରର ଉପସ୍ଥିତି ଅନୁଭବ କରି ତାହାକୁ ନ୍ୟାୟିକ ସ୍ୱୀକୃତି ପ୍ରଦାନ କରିଛନ୍ତି। ଆଶା କରାଯାଏ ସରକାର ଓ ସ୍ୱାୟତଶାସନ ସଂସ୍ଥାମାନେ କୌଣସି ଅବହେଳା ପ୍ରଦର୍ଶନ ନ କରି ଏହାକୁ କାର୍ଯ୍ୟକାରୀ କରିବେ, ଯେମିତି ଅବିଳମ୍ବେ ଏହା ଏକ ବାସ୍ତବତାରେ ପରିଣତ ହୁଏ।

# ଦ ସାବରମତି ରିପୋର୍ଟ-ଗୋଧ୍ରାକାଣ୍ଡ ପଛର ରହସ୍ୟ

ଦ ସାବରମତି ରିପୋର୍ଟ-ଗୋଧ୍ରାକାଣ୍ଡ ପଛର ରହସ୍ୟ ସତ୍ୟ କେବେ ଲୁଚି ରହେନା । ଦିନେ ନା ଦିନେ ଲୋକଲୋଚନକୁ ଆସିଥାଏ । ଗଣମାଧ୍ୟମ ହେଉଛି ସମାଜର ଆଖି ଆଉ କାନ । ଗଣମାଧ୍ୟମ ମାଧ୍ୟମରେ ସମସ୍ତ ଘଟଣା ପରିପ୍ରକାଶ ହୋଇଥାଏ । ଦେଶ ହେଉଛି ପ୍ରଥମ । ମୁଁ ଦେଶ ପାଇଁ ବଂଚିଛି । ଆଉ ମୁଁ ଦେଶ ପାଇଁ କାମ କରିବି । ଯେତେବେଳେ ଏହିପରି ଧାରଣା ନେଇ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କାମ କରିବ ସେତେବେଳେ ଦେଶ ଆଗକୁ ବଢିବ । ଗଣମାଧ୍ୟମ ପ୍ରଥମେ ସତ୍ୟକୁ ଦେଖେ, କିନ୍ତୁ ସତ୍ୟ ଦେଖାଇବା ପୂର୍ବରୁ ଗଣମାଧ୍ୟମ ଏହାର ମାଲିକମାନଙ୍କୁ ଦେଖେ। ଏହିପରି ଏକ କାହାଣୀକୁ ନେଇ ଆସିଛି ଚଳଚିତ୍ର 'ସାବରମତି ରିପୋର୍ଟ' । 'ସାବରମତି ରିପୋର୍ଟ' ଗୁଜୁରାଟରେ ୨୦୦୨ ଗୋଧ୍ରା ଘଟଣାରେ ଘୁରି ବୁଲୁଛି, ଯେଉଁଠାରେ ସାବରମତି ଏକ୍ସପ୍ରେସରେ ନିଆଁ ଲାଗି ୫୯ ନିରୀହ ଲୋକ ପ୍ରାଣ ହରାଇଥିଲେ। ଏହା ଏକ ଦୁଃଖଦ ଦୁର୍ଘଟଣା ନା ଭୟାନକ ଷଡଯନ୍ତ୍ର, ଯାହାକି ସାମ୍ବାଦିକଙ୍କ ମାଧ୍ୟମରେ ଏହି ଚଳଚିତ୍ରରେ ପ୍ରକାଶ କରାଯାଇଛି। ଜଣେ ସାମ୍ବାଦିକ ଅଛନ୍ତି, ଯିଏ ଆଇଆଇଏମସି (ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମାସ୍ କମ୍ୟୁନିକେସନ୍) ରୁ ଅଧ୍ୟୟନ କରିଛନ୍ତି । ସେ ଏକ ନ୍ୟୁଜ୍ ଚ୍ୟାନେଲରେ ମନୋରଞ୍ଜନ ସାମ୍ବାଦିକ (କିମ୍ବା କ୍ୟାମେରାମ୍ୟାନ୍) ଭାବରେ କାର୍ଯ୍ୟ କରୁଛନ୍ତି । ଗୋଧ୍ରା ଟ୍ରେନ ପୋଡି ଘଟଣାର ଅନୁସନ୍ଧାନ ମୂଳକ ରିପୋର୍ଟ ସଂଗ୍ରହ ପାଇଁ ତାଙ୍କୁ ଜଣେ ଷ୍ଟାର ରିପୋର୍ଟରଙ୍କ ସହିତ ସେଠାକୁ ପଠା ଯାଇଥିଲା । ସେ ଏହି ସୁଯୋଗକୁ ହାତ ଛଡା କରିନଥିଲେ। ଗୋଧ୍ରାକୁ ଆସିବା ପରେ ସାମ୍ବାଦିକ ଜାଣିବାକୁ ପାଇଲେ ଯେ ଏହି ଘଟଣା କେବଳ ଦୁର୍ଘଟଣା ନୁହେଁ ବରଂ ଏହା ଏକ ସୁନିୟୋଜିତ ହତ୍ୟାକାଣ୍ଡ। ସେ ନିଜ କ୍ୟାମେରାରେ କିଛି ପ୍ରମାଣ ମଧ୍ୟ କ୍ୟାପଚର କରିଛନ୍ତି । କିନ୍ତୁ ସେହି ସମୟରେ ସେମାନଙ୍କର ନ୍ୟୁଜ୍ ଚ୍ୟାନେଲ ଏହି ଘଟଣାକୁ ଏକ ଦୁର୍ଘଟଣା ବୋଲି କହିଥାଏ । 'ସାବରମତି ଏକ୍ସପ୍ରେସ' ବିଷୟରେ ସତ୍ୟ ପ୍ରକାଶ କରିବାକୁ ଚେଷ୍ଟା କରୁଥିବା ଏହି ସାମ୍ବାଦିକଙ୍କୁ ଚାକିରୀରୁ ବଚିଂତ କରାଯାଇଛି। ତାଙ୍କୁ ଏକ ମିଥ୍ୟା ଚୋରି ଘଟଣାରେ ଫସାଇ ଦିଆଯାଇଛି। କମ୍ପାନୀର କ୍ୟାମେରା ଚୋରି କରିବା ଘଟଣାରେ ପୋଲିସ ହେପାଜତରେ ରଖାଯାଇଛି। ସେ ଯେପରି ଅନ୍ୟ କୌଣସି ଠାରେ ଚାକିରି କରିପାରିବ ନାହିଁ ସେ ପ୍ରକାର ବ୍ୟବସ୍ଥା ମଧ୍ୟ କରାଯାଇଛି । ଅବଶ୍ୟ କିଛିଲୋକମାନେ ଭାବୁଛନ୍ତି ଯେ ଗୁଜୁରାଟ ଘଟଣା ଉପରେ ଆଧାରିତ ପୂର୍ବ ଚଳଚ୍ଚିତ୍ର ପରି ଏହି ଚଳଚ୍ଚିତ୍ରର ଏକ ପୁରୁଣା ଷଡଯନ୍ତ୍ର ରହିବ, ତେବେ ସେମାନେ ବୋଧହୁଏ ଭୁଲ୍ କରୁଛନ୍ତି । ସାବରମତି ଏକ୍ସପ୍ରେସ ଘଟଣାରେ ନିର୍ମାତାମାନେ ସାହସିକତାର ସହ ଛିଡା ହୋଇଛନ୍ତି। ଏହି ଘଟଣାର ପଛରେ ଥିବା ଷଡଯନ୍ତ୍ରକୁ ସାମ୍ନାକୁ ଅଣାଯାଇଛି। ଏହି ଚଳଚ୍ଚିତ୍ରରେ ହିନ୍ଦୀ ଭାଷାଭାଷୀ ସାମ୍ବାଦିକ ଏବଂ ପାଶ୍ଚାତ୍ୟ ଗଣମାଧ୍ୟମ ମଧ୍ୟରେ ଆଦର୍ଶଗତ ସଂଘର୍ଷର ଚିତ୍ର ମଧ୍ୟ ରହିଛି, ଯାହା 'ସାବରମତି ରିପୋର୍ଟ'କୁ ଆହୁରି ଆକର୍ଷଣୀୟ ଏବଂ ବାସ୍ତବ କରିଛି। ଯେଉଁମାନେ ଭାରତୀୟ ଇତିହାସ ପ୍ରତି ଆଗ୍ରହୀ, ସେମାନେ ଏହି ଚଳଚ୍ଚିତ୍ର ଦେଖିବା ଜରୁରୀ। ଏହି ଟ୍ରେନ୍ ଦୁର୍ଘଟଣା ବିଷୟରେ ସତ୍ୟାସତ୍ୟ ଜାଣିବା ପାଇଁ କାହାଣୀ ଆରମ୍ଭ ହୋଇଛି, ଯେଉଁଥିରେ ହିନ୍ଦୀ ଭାଷି ସାମ୍ବାଦିକ ସମର କୁମାର (ବିକ୍ରାନ୍ତ ମାସେ ) ଏବଂ ଇଂରାଜୀ ଭାଷି ସାମ୍ବାଦିକା ମାନିକା ରାଜପୁରୋହିତଙ୍କ ମଧ୍ୟରେ ସତ୍ୟ ଏବଂ ମିଥ୍ୟା ତଥ୍ୟ ଉପରେ ସଂଘର୍ଷ ଦେଖାଯାଇଛି । କିନ୍ତୁ କାହାଣୀର ପ୍ରକୃତ ମୋଡ଼ ଆସେ ଯେତେବେଳେ ମହିଳା ସାମ୍ବାଦିକ ଅମୃତା ଗିଲ (ରାଶି ଖାନ୍ନା) ସମରଙ୍କ ଅସମ୍ପୂର୍ଣ୍ଣ ପ୍ରୟାସକୁ ସଂପୂର୍ଣ୍ଣ କରିବା ପାଇଁ ପ୍ରବେଶ କରନ୍ତି ଏବଂ ସେ ଏହି ଘଟଣାର ଅନୁସନ୍ଧାନ କରନ୍ତି । ସମର ଏବଂ ଅମୃତା ଏଥିରେ ସଫଳ ହୋଇଛନ୍ତି କି ? ଏଥିପାଇଁ ଆପଣଙ୍କୁ ଏହି ଫିଲ୍ମ ଦେଖିବାକୁ ପଡିବ । ନିର୍ମାତା ଏକତା କପୁର ଏବଂ ନିର୍ଦ୍ଦେଶକ ଧୀରଜ ସାରନାଙ୍କ 'ସାବରମତି ରିପୋର୍ଟ' ଦାବି କରିଛି ଯେ ଏହା ଭାରତର ଏକ ଐତିହାସିକ ଘଟଣାର କାହାଣୀ ପରଦାକୁ ଆଣିଛି, ଯାହା ବିଷୟରେ ଅନେକ ଲେଖା,ପଢା ଏବଂ ଶୁଣାଯାଇଛି, କିନ୍ତୁ ଏହା ଏକ ସତ୍ୟ ଘଟଣା ଉପରେ ଆଧାରିତ। ଲେଖକ ଓ ନିର୍ଦ୍ଦେଶକ ଏହି ଇଭେଂଟରେ ଏକ ନୂତନ ଦୃଷ୍ଟିକୋଣ ଯୋଡିବାକୁ ଚେଷ୍ଟା କରିଛନ୍ତି । ଏହି ଚଳଚ୍ଚିତ୍ରରେ ଭାରତୀୟ ମିଡିଆ ହାଉସର ସମ୍ପୃକ୍ତି ଏବଂ ସାମ୍ବାଦିକଙ୍କ ସତ୍ୟ ସାମ୍ବାଦିକ ପରିବେଶ ପାଇଁ ସୃଷ୍ଟି ହେଉଥିବା ଅସୁବିଧାକୁ ଦର୍ଶାଯାଇଛି। ବକ୍ସ ଅଫିସରେ ଭଲ ପ୍ରଦର୍ଶନ ସହ ବେଶ ଲୋକପ୍ରିୟତା ହାସଲ କରିଥିବା ଫିଲ୍ମ 'ଦ୍ୱାଦଶ ଫେଲ' ଏପରିକି ଓଟିଟି ପ୍ଲାଟଫର୍ମରେ ମଧ୍ୟ ଭଲ ଧମାକା କରିଥିଲା । ଏହି ଫିଲ୍ମର ସଫଳତା ପରେ ଫିଲ୍ମଫେୟାର ଶ୍ରେଷ୍ଠ ଅଭିନେତା ସମାଲୋଚକ ୨୦୨୩ ବିଜେତା ବିକ୍ରାନ୍ତ ମାସେ ତାଙ୍କ ଫିଲ୍ମ 'ସାବରମତି ରିପୋର୍ଟ' ସହିତ ବଡ ପରଦାରେ ଫେରିଛନ୍ତି। ନିର୍ଦ୍ଦେଶକ ପରିବର୍ତ୍ତନ, ରିଲିଜ୍ ତାରିଖ ସ୍ଥଗିତ ରଖିବା ଏବଂ ଟ୍ରେଲରରେ ପ୍ରତିକ୍ରିୟା ଭଳି ଅନେକ କାରଣରୁ ଏହି ଚଳଚ୍ଚିତ୍ର ଦୀର୍ଘ ଦିନ ଧରି ଚର୍ଚ୍ଚାରେ ରହିଆସିଥିଲା। କିନ୍ତୁ ବର୍ତ୍ତମାନ ଏହି ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ପହଁଚିଛି, ଯେଉଁଥିରେ ବିକ୍ରାନ୍ତ ମାସେଙ୍କ ସହ ରିଦ୍ଧି ଡୋଗ୍ରା ଏବଂ ରାଶି ଖାନ୍ନା ଅଭିନୟ କରିଛନ୍ତି। 'ସିଙ୍ଘମ୍ ଅଗେନ' ଏବଂ 'ଭୋଲ୍ ଭୁଲାଇୟା-୩' ପରି ଦିୱାଲୀ ରିଲିଜ୍ ଠାରୁ ଭିନ୍ନ କାହାଣୀ ଦୃଷ୍ଟିର ସାବରମତି ରିପୋର୍ଟ ବହୁତ ଭଲ ଏବଂ ଦର୍ଶକଙ୍କୁ ନିରୀହ ଜୀବନ ବିଷୟରେ ଚିନ୍ତା କରିବାକୁ ପ୍ରେରଣା ଯୋଗାଏ । 'ସାବରମତି ରିପୋର୍ଟ'ରେ ଅଭିନେତାମାନଙ୍କ ଅଭିନୟ ପ୍ରଶଂସନୀୟ। ସାମ୍ବାଦିକ ଭୂମିକାରେ ଅଭିନୟ କରୁଥିବା ବିକ୍ରାନ୍ତ ମାସେ, ରାଶି ଖାନ୍ନା ଏବଂ ରିଦ୍ଧି ଡୋଗ୍ରା ସେମାନଙ୍କ ଅଭିନୟ ସହିତ କାହାଣୀକୁ ବହୁତ ସୁନ୍ଦର ଭାବରେ ପରିବେଷଣ କରିଛନ୍ତି। ବିକ୍ରାନ୍ତଙ୍କ ପରି ଜଣେ ଅଭିନେତା ଯିଏ କି 'ଦ୍ୱାଦଶ ବିଫଳତା', 'ସେକ୍ଟର ୩୬' ଏବଂ ' ଡେଥ ଇନ୍ ଦ ଗଞ୍ଜ' ଭଳି ଅନେକ ଚଳଚିତ୍ରରେ ସମୀକ୍ଷକଙ୍କ ଦ୍ୱାରା ପ୍ରଶଂସିତ ହୋଇଛନ୍ତି । 'ସାବରମତି ରିପୋର୍ଟ' ଚଳଚିତ୍ର ଦ୍ୱାରା ସେ ଆହୁରି ସୁନାମ ଅର୍ଜନ କରିବେ ବୋଲି ସମସ୍ତଙ୍କର ଆଶା ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. **ସଂପାଦକ: ପ୍ରକାଶ କୁମାର ଧଳ**

**Mobile :** 9439951525,**Email: utkalsamachar@gmail.com / utkalsamachar@rediffmail.com** (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) **Phone:** 0661-2646999 **Editor : Prakash Kumar Dhal**

**CITY OFFICE: B/204, SECTOR-16, ROURKELA, Pin :769003**







# କପିଳ ନାଏକ ହତ୍ୟା ମାମଲା : ଅଭିଯୁକ୍ତ ଗିରଫ



କଟାଂମାଳ,୩୦/୬(ନି/ପ୍ର): ବୌଦ୍ଧଜିଲ୍ଲା ମନମୁଣ୍ଡା ଥାନା ଅନ୍ତର୍ଗତ ଡିଗି ଗ୍ରାମ ନିକଟରେ ଶୁକ୍ରବାର ରାତିରେ ଋଷିବନ୍ଧ ଗାଁର କପିଳ ନାୟକଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାର ୨୪ ଘଟାଂ ମଧ୍ୟରେ ପୁଲିସ ମୁଖ୍ୟ ଅଭିଯୁକ୍ତକୁ ଧରିବାରେ ସକ୍ଷମ ହୋଇଛି। ଆଜି (ରବିବାର) ମନମୁଣ୍ଡା ଥାନାରେ ଏସ୍‌ପି କୁଳଦୀପ ମୀନା ଏକ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସପିଙ୍କ ସହିତ ଏସଡିପିଓ ଲରେନ୍ସ ରାଉତରାୟ ଓ ମନମୁଣ୍ଡା ଥାନାଧିକାରୀ ଚିରଞ୍ଜିବୀ ବେହେରା ଉପସ୍ଥିତ ଥିଲେ। ମିଳିଥିବା ସୂଚନାନୁସାରେ, ଅଭିଯୁକ୍ତ ଶୁଆପାବୁଲି ଗ୍ରାମର ବାଲ୍ମୀକ ପୋଡ଼(୧୯)କୁ ଗିରଫ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ମହୁଲି - ଡିଗି ରାସ୍ତାର ମୁହାଣୀ ନିକଟରେ ଥିବା ଏକ ଫାଷ୍ଟଫୁଡ୍ ସେଟଂର ଠାରେ କପିଳଙ୍କ ହତ୍ୟା ହୋଇଥିଲା। ସକାଳୁ ଲୋକେ ଉକ୍ତ ସ୍ଥାନରେ ମୃତ ଦେହକୁ ପଡ଼ିଥିବା ଦେଖି ପରିବାର ଲୋକ ଓ ମନମୁଣ୍ଡା ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଂଚି ମୃତ ଦେହକୁ ଚିହ୍ନଟ କରି ଅଧିକ ତଦନ୍ତ ଆରମ୍ଭ କରିଥିଲା। କପିଳ ପେଶାରେ ଜଣେ ଟ୍ରାକ୍ଟର ଚାଳକ ଥିଲେ। ମାଲିକ ପାଖରେ ଥିବା ବକେୟା ଟଙ୍କା ମାଗିବାକୁ ଯାଇଥିଲେ। ଟଙ୍କା ମାଗି ଫେରିବା ବେଳକୁ ଉକ୍ତ ଫାଷ୍ଟ ଫୁଡ୍ ସେଟଂର ନିକଟରେ ବାଲ୍ମୀକଙ୍କ ସମେତ କିଛି ସାଙ୍ଗଙ୍କ ସହ ବଚସା ବଚସାରୁ ହତାହତି ସମୟରେ ବାଲ୍ମୀକି ତାଙ୍କୁ ହତ୍ୟା କରିଥିଲେ। ପାଖପଡ଼ୋଶୀଙ୍କ ସୂତ୍ରରୁ ଜଣାଯାଇଚି, କପିଳଙ୍କ ପରିବାର ସଦସ୍ୟଙ୍କ ସହିତ ଅଭିଯୁକ୍ତର ପ୍ରେମ ସମ୍ପର୍କ ଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ମଧ୍ୟ ହୋଇଥିଲା। ଉକ୍ତ ପ୍ରେମ ସମ୍ପର୍କରେ କଣ୍ଟା ସାଜି ଥିବାରୁ କପିଳକୁ ଏଭଳି ଜଘନ୍ୟ କରିଥିଲେ। ବିୟର ବୋତଲ ଭାଙ୍ଗି ତଟିଂରେ ଭୁଷିବା ସହିତ କାଠ ଫାଳିଆରେ ମାଡ଼ ମାରି ପଥରରେ ମୁଣ୍ଡକୁ ଛେଚିଥିଲେ। ଏସପିଙ୍କ ନିର୍ଦ୍ଦେଶକ୍ରମେ ଏସଡ଼ିପିଓ ଏବଂ ଆଇଆଇସିଙ୍କ ନେତୃତ୍ୱରେ ଦୁଇଟି ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଚିଂ ଅଧିକ ତଦନ୍ତ ଆରମ୍ଭ କରିଛି। ସୋମବାର ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷଣ ପରେ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

# ପାରିବାରିକ ବିବାଦର କରୁଣ ପରିଣତି: ସ୍ତ୍ରୀଙ୍କୁ ପିଟି ହତ୍ୟା, ସ୍ୱାମୀ ଗିରଫ

ଝାରସୁଗୁଡ଼ା,୩୦/୬(ନି/ପ୍ର): ଝାରସୁଗୁଡ଼ା ସଦର ଥାନା ଅନ୍ତର୍ଗତ ଏଚ୍. କଟାଂପାଲି (ଗଣ୍ଡିଆବୁଡ଼) ଗାଁରେ ପାରିବାରିକ ବିବାଦକୁ କେନ୍ଦ୍ର କରି ଘଟିଛି ଏକ ଚାଂଚଲ୍ୟକର ହତ୍ୟାକାଣ୍ଡ। ସ୍ୱାମୀ ନିଜ ସ୍ତ୍ରୀଙ୍କୁ ପିଟି ହତ୍ୟା କରିଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ସ୍ୱାମୀ ରାହୁଲ ବାଗଙ୍କୁ ଗିରଫ କରିଛି। ମୃତକ ହେଲେ ୨୮ ବର୍ଷୀୟା ସୌଦାମିନୀ କିଷାନ। ସୂଚନା ଅନୁଯାୟୀ, ରାହୁଲ ଓ ସୌଦାମିନୀ ପ୍ରାୟ ତିନି ବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ । ବିବାହ ପରଠାରୁ ବିଭିନ୍ନ କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବାରମ୍ବାର ପାରିବାରିକ କଳହ ଲାଗି ରହୁଥିବା ଜଣାପଡ଼ିଛି। ରବିବାର ସକାଳେ ପୁଣି ଥରେ କୌଣସି କଥାକୁ ନେଇ ବିବାଦ ଉପୁଜିଥିଲା। ଏହି ବିବାଦ ଉଗ୍ର ରୂପ ନେବା ପରେ ରାହୁଲ ସ୍ତ୍ରୀ ସୌଦାମିନୀଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଗୁରୁତର ଆହତ ହେବାରୁ ଘଟଣାସ୍ଥଳରେ ସୌଦାମିନୀଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ ଅଂଚଳରେ ଚାଂଚଲ୍ୟ ଖେଳିଯାଇଥିଲା। ଖବର ପାଇ ଝାରସୁଗୁଡ଼ା ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଶବକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ପରେ ଅଭିଯୁକ୍ତ ରାହୁଲ ବାଗଙ୍କୁ ଗିରଫ କରାଯାଇଛି। ସ୍ଥାନୀୟ ସୂତ୍ରରୁ ଜଣାପଡ଼ିଛି ଯେ, ରାହୁଲ ଓ ସୌଦାମିନୀ ଭିନ୍ନ ଜାତିରେ ପ୍ରେମ ବିବାହ କରିଥିଲେ। ତେବେ ହତ୍ୟାର ପ୍ରକୃତ କାରଣ ଏବଂ ଘଟଣାର ସମ୍ପୂର୍ଣ୍ଣ ପରିସ୍ଥିତି ସମ୍ପର୍କରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

# ରେଢ଼ାଖୋଲରେ ପୋଲିଓ ଟୀକାକରଣ ଅଭିଯାନ: ୧,୩୫୯ ଶିଶୁଙ୍କୁ ପୋଲିଓ ଟୀକାକରଣ



ସମ୍ବଲପୁର,୩୦/୬(ନି/ପ୍ର): ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ୍ ସ୍ଥିତ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ରବିବାର ଦିନ ୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ପାଇଁ ପୋଲିଓ ଟୀକାକରଣ ଅଭିଯାନ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ ତିନୋଟି ପର୍ଯ୍ୟାୟରେ ମୋଟ ୧,୩୫୯ ଜଣ ଶିଶୁଙ୍କୁ ପୋଲିଓ ଟୀକା ପ୍ରଦାନ କରାଯାଇଛି। ଅଂଚଳର ୧୧ଟି ବୁଥ୍ ମାଧ୍ୟମରେ ଆଶାକର୍ମୀ, ଅଙ୍ଗନଓ୍ୱାଡ଼ି କର୍ମୀ ଓ ଏଏନଏମ୍ମାନେ ଘରେ ଘରେ ଯାଇ ଏବଂ ନିର୍ଦ୍ଧାରିତ କେନ୍ଦ୍ରଗୁଡ଼ିକରେ ୧,୩୩୮ ଜଣ ଓ ମୋବାଇଲ ଟିମ ୨୧ ଜଣ ଶିଶୁଙ୍କୁ ପୋଲିଓ ଟିକା ପ୍ରଦାନ କରାଯାଇଥିଲା। କୌଣସି ଶିଶୁ ଯେପରି ଟିକାକରଣରୁ ବଂଚିତ ନହୁଅନ୍ତି, ସେଥିପାଇଁ ସୁପରଭାଇଜର ଓ ମୋବାଇଲ ଟିମ୍ ସକ୍ରିୟ ଭାବେ କାର୍ଯ୍ୟ କରିଥିଲେ। ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେସନ୍ ଆଦି ସ୍ଥାନରେ ଥିବା ଶିଶୁମାନଙ୍କୁ ମଧ୍ୟ ପୋଲିଓ ଟିକା ପ୍ରଦାନ କରାଯାଇଥିଲା। ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଆଦିତ୍ୟ କୁମାର କରଙ୍କ ତତ୍ତ୍ୱାବଧାନରେ ସମଗ୍ର ଟିକାକରଣ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଥିବା ସୂଚନା ମିଳିଛି।



ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ଼ ଓ ସମ୍ବଲପୁର କଳାକାରଙ୍କ ସହଯୋଗରେ ସମଲେଶ୍ୱରୀ ମନ୍ଦିର ପରିସରରେ ଭଜନ ସଂନ୍ଧ୍ୟା

# ବଲାଙ୍ଗିରରେ ସଫଳତା ସହ ଅନୁଷ୍ଠିତ ହେଲା ପ୍ରଥମ ମାହେଶ୍ୱରୀ ୟୁଥ କଂକ୍ଲେଭ ୨୦୨୬

ବଲାଙ୍ଗିର,୩୦/୬(ନି/ପ୍ର): ବଲାଙ୍ଗିର ସ୍ଥିତ ବେବି ବଲକ୍ସ ପ୍ଲେ ସ୍କୁଲ ପରିସରରେ ମାହେଶ୍ୱରୀ ସଂଗଠନ ପକ୍ଷରୁ ପ୍ରଥମ ମାହେଶ୍ୱରୀ ୟୁଥ କଂକ୍ଲେଭରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଅଂଚଳରୁ ଯୁବପିଢି ଉତ୍ସାହର ସହ ଯୋଗ ଦେଇ ଜ୍ଞାନ, ନେତୃତ୍ୱ ଏବଂ ସାମାଜିକ ଦାୟିତ୍ୱ ସମ୍ପର୍କରେ ବିଭିନ୍ନ ପ୍ରେରଣାଦାୟକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ମାହେଶ୍ୱରୀ ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରି କନ୍କ୍ଲେଭର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ଯୁବପିଢି କେବଳ ନିଜ କ୍ୟାରିୟର ଗଠନରେ ସୀମିତ ନ ରହି ସମାଜ ଗଠନ, ପରିବେଶ ସୁରକ୍ଷା ଓ ଜନସେବା କ୍ଷେତ୍ରରେ ମଧ୍ୟ ସକ୍ରିୟ ଭୂମିକା ନେବା ଆବଶ୍ୟକ । ପରେ ଅରିନ୍ଦମ ପରିଚ୍ଛା, ବନ୍ୟପ୍ରାଣୀ ସଂରକ୍ଷଣବିତ, ପରିବେଶ ସଂରକ୍ଷଣରେ ଯୁବପିଢି ର ଭୂମିକା ଉପରେ ପ୍ରେରଣାଦାୟକ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଷୀ ଗଣମାଧ୍ୟମର ସକରାତ୍ମକ ବ୍ୟବହାର, ସୂଚନାର ସତ୍ୟତା ଓ ସାମାଜିକ ଦାୟିତ୍ୱ ସମ୍ପର୍କରେ ଯୁବମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ବିଶିଷ୍ଟ ଆରଟିଆଇ କର୍ମୀ ହେମନ୍ତ ପଣ୍ଡା ନେତୃତ୍ୱ, ସ୍ୱଚ୍ଛତା, ସଚେତନ ନାଗରିକତା ଓ ସାମାଜିକ ଦାୟିତ୍ୱ ଉପରେ ବିସ୍ତୃତ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଯୁବମାନଙ୍କ ସହ ବକ୍ତାମାନଙ୍କର ପ୍ରଶ୍ନୋତର ପୂର୍ବ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଅଂଶଗ୍ରହଣକାରୀମାନେ ବିଭିନ୍ନ ପ୍ରଶ୍ନ ଉପସ୍ଥାପନ କରିଥିଲେ ଏବଂ ବକ୍ତାମାନଙ୍କ ଠାରୁ ଉପଯୋଗୀ ପରାମର୍ଶ ପାଇଥିଲେ । ଶେଷରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି ପ୍ରଥମ ମାହେଶ୍ୱରୀ ୟୁଥ କନ୍କ୍ଲେଭ ସଫଳତାର ସହ ସମାପ୍ତ ହୋଇଥିବାରୁ ବକ୍ତା, ଅତିଥି, ଅଂଶଗ୍ରହଣ କାରୀ ଓ ସମସ୍ତ ସ୍ୱେଚ୍ଛାସେବକ ସନ୍ତୋଷ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ସଭାପତି ଶୋଭନ ଅଗ୍ରଓ୍ୱାଲ, ସୂରଜ ପଟେଲ, ଦେବାଶିଷ ପାଣ୍ଡିଆ, ଶୁଭଶ୍ରୀ ପଟ୍ଟନାୟକ, ସ୍ୱନ୍ଦନ ପ୍ରଧାନ, ତୃପ୍ତିମୟୀ ମହାପାତ୍ର, ପ୍ରୀତିଶ ସାହୁ, ରିଶଭ କଲତା, ଟୁଲୁ ଦୋରା, ଶିବାନନ୍ଦ ସାହାଣୀ, ପଦ୍ମାଳୟା ବାରିକ, ଶାନ୍ତିଲତା ସାହୁ, ରଚନା ସାହୁ, ସୁହାସିନୀ ଖଣ୍ଡୁଆଲ, ଆୟୁଷ ସାହୁ, ଦୀପକ ତ୍ରିପାଠି, ରାଧା ମାଧବ ଦାଶ, ଅମନ ଖାନ, ପ୍ରମୋଦ ସାହୁ, ସୀତାରାମ ସାହୁ, କରନ ବେହେରା ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏହି ଅବସରରେ ମାହେଶ୍ୱରୀ ସଂଗଠନ ପକ୍ଷରୁ ଆଗାମୀ ଦିନରେ ମଧ୍ୟ ଯୁବପିଢିଙ୍କ ସର୍ବାଙ୍ଗୀନ ବିକାଶ, ନେତୃତ୍ୱ ଗଠନ ଏବଂ ସାମାଜିକ ସଚେତନତା ବୃଦ୍ଧି ପାଇଁ ଏଭଳି ଗଠନମୂଳକ କାର୍ଯ୍ୟକ୍ରମ ନିୟମିତ ଭାବେ ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି ।

# ପୋଲିସ- ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଅନୁଷ୍ଠିତ

ପୁରୀ, ୩୦/୬(ନି/ପ୍ର):ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ଜନଗହଳିକୁ ନିୟନ୍ତ୍ରଣ କରିବା ସବୁଠାରୁ ବଡ ଆହ୍ୱାନ। ତେବେ ମହାପ୍ରଭୁଙ୍କ ପ୍ରତି ସମର୍ପିତ ହୋଇ, ତାଙ୍କ ଆଶୀର୍ବାଦ ନେଇ, ପାରସ୍ପରିକ ସମନ୍ୱୟ ମାଧ୍ୟମରେ ଏହା ଆମେ ଭଲରେ ନିୟନ୍ତ୍ରଣ କରିପାରିବା ବୋଲି କହିଛନ୍ତି କେନ୍ଦ୍ରାଂଚଳ ଆଇଜି ସତ୍ୟଜିତ ନାୟକ। ଆଜି ପୂର୍ବାହ୍ନରେ ସଂସ୍କୃତି ଭବନ ଠାରେ ଆଗାମୀ ରଥଯାତ୍ରା ଓ ସ୍ନାନଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ପୋଲିସ -ମାଜିଷ୍ଟ୍ରେଟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ସମସ୍ତ ଅଧିକାରୀ, କର୍ମଚାରୀ ରଥଯାତ୍ରା, ସ୍ନାନଯାତ୍ରା ପାଇଁ ଯେଉଁ କାର୍ଯ୍ୟ କରୁଛନ୍ତି ତାହା ମହାପ୍ରଭୁଙ୍କ ପ୍ରତି ସେବା। ତେଣୁ ମହାପ୍ରଭୁଙ୍କ ଦର୍ଶନ ଓ ଆଶୀର୍ବାଦ ପାଇଁ ଆସୁଥିବା ଶ୍ରଦ୍ଧାଳୁ ମାନଙ୍କୁ ଉଚିତ ବ୍ୟବହାର ପ୍ରଦର୍ଶନ, ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା, ଭିଡ ନିୟନ୍ତ୍ରଣ ଇତ୍ୟାଦିକୁ ସୁଚାରୁ ରୁପେ ସମ୍ପର୍ଣ୍ଣ ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଚଳିତ ରଥଯାତ୍ରା ଓ ସ୍ନାନଯାତ୍ରାରେ ପୂର୍ବାପେକ୍ଷା ଅଧିକ ଶ୍ରଦ୍ଧାଳୁଙ୍କ ଆକଳନ କରାଯାଉଥିବାରୁ ଏହାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ପରିଚାଳନା କରିବା ଉଭୟ ପୋଲିସ ଓ ପ୍ରଶାସନ ପାଇଁ ଗୁରୁ ଦାୟିତ୍ୱ ବୋଲି କହିଥିଲେ। ଏହାକୁ ପରସ୍ପର ମଧ୍ୟରେ ସୁସମନ୍ୱୟ ରଖି କାର୍ଯ୍ୟ କରିବା ସହ ଲୋକ ମାନଙ୍କୁ ସୁବିଧା ଓ ସମସ୍ତ ପ୍ରକାର ସହଯୋଗ ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ। ଏସପି ପ୍ରତୀକ ସିଂ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ମାନେ ନିଜର ଦାୟିତ୍ୱକୁ ସଠିକ ଭାବେ ବୁଝି ନିଷ୍ଠାର ସହ ନିର୍ଦ୍ଧାରିତ ସ୍ଥାନ ମାନଙ୍କରେ କାର୍ଯ୍ୟ କରିବାକୁ ମତ ଦେଇଥିଲେ। ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଲା ରଥଯାତ୍ରା ଓ ସ୍ନାନଯାତ୍ରା ସମୟରେ ମହାନଗର ନିଗମ ପକ୍ଷରୁ ପରିଷ୍କାର ପରିଛନ୍ନତା, ଶୌଚାଳୟ ବ୍ୟବସ୍ଥା, ଆଲୋକ ବ୍ୟବସ୍ଥା, ବର୍ଷା ହେଲେ ଜଳ ନିଷ୍କାସନ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ସୂଚନା ଦେଇଥିଲେ।ଏହି ସମନ୍ୱୟ ବୈଠକରେ ବରିଷ୍ଠ ପ୍ରଶାସନିକ ଓ ପୋଲିସ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ସମ୍ବଲପୁରରେ ଉଦ୍ୟମୀ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ



ସମ୍ବଲପୁର,୩୦/୬(ନି/ପ୍ର):ସମ୍ବଲପୁର ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗ, ଓଡ଼ିଶା ସରକାରଙ୍କ ସହଯୋଗରେ ଆୟୋଜିତ 'ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ' ଗଙ୍ଗାଧର ମଣ୍ଡପ, ପୁରୁଣା ପୌରପାଳିକା ଛକ ନିକଟ, ସମ୍ବଲପୁରଠାରେ ଉଦ୍ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଉଦ୍ଘାଟନ କରିଥିବା ବେଳେ ଏହି କାର୍ଯ୍ୟକ୍ରମ ଆଗାମୀ ଜୁଲାଇ ୦୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲାର ଯୁବପିଢ଼ିଙ୍କ ମଧ୍ୟରେ ଉଦ୍ୟୋଗ ସ୍ଥାପନା ସମ୍ପର୍କିତ ସଚେତନତା ସୃଷ୍ଟି କରିବା ଏବଂ ସ୍ୱାବଲମ୍ବୀ ହେବା ପାଇଁ ବିଭିନ୍ନ ସୁଯୋଗ ଓ ସରକାରୀ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ଯୁବବର୍ଗଙ୍କ ପାଇଁ ଏମ୍‌ଏସ୍‌ଏମ୍‌ଇ, ପିଏମ୍‌ଇଜିପି, ପିଏମ୍‌ଏଫ୍‌ଏମ୍‌ଇ ଆଦି ଯୋଜନା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଉଦ୍ୟୋଗୀମାନଙ୍କୁ ଆବଶ୍ୟକ ମାର୍ଗଦର୍ଶନ ଓ ସୁଯୋଗ ସମ୍ପର୍କରେ ଅବଗତ କରାଯାଉଛି। ପ୍ରଦର୍ଶନୀ ପରିସରରେ ଏମ୍‌ଏସ୍‌ଏମ୍‌ଇ ଉତ୍ପାଦ, ପିଏମ୍‌ଇଜିପି ଓ ପିଏମ୍‌ଏଫ୍‌ଏମ୍‌ଇ ଅଧିନରେ ପ୍ରସ୍ତୁତ ସାମଗ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ଉତ୍ପାଦ, ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ ପାଇଁ ଉପଲବ୍ଧ ରହିଥିବା ଦେଖାଯାଇଛି। ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଉଦ୍ୟୋଗୀ, କାରିଗର ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏକ ବଜାର ସୁଯୋଗ ପ୍ରଦାନ କରିବା ସହ ଜିଲ୍ଲାରେ ଉଦ୍ୟମିତା ବିକାଶକୁ ଆହୁରି ସୁଦୃଢ଼ କରିବ ବୋଲି ଜିଲ୍ଲାପାଳ ଶ୍ରୀ ବୋନ୍ଦର ପ୍ରକାଶ କରିଛନ୍ତି।

# ଖଟିଆରେ ବୁହାହେଲା ପ୍ରସୂତିଙ୍କ ମୃତଦେହ



ଗୁଡ଼ାରୀ,୩୦/୬(ନି/ପ୍ର): ରାୟଗଡ଼ାଜିଲ୍ଲା ଗୁଡ଼ାରୀ ବ୍ଲକ୍ କର୍ଲାଘାଟି ଗ୍ରାମପଚାଂୟତ ଅନ୍ତର୍ଗତ ପେଟାଖାଲ ଗ୍ରାମରେ ଜଣେ ପ୍ରସୂତି ମହିଳାଙ୍କ ମୃତଦେହକୁ ଖଟିଆରେ ଗାଁକୁ ନିଆଯାଇଛି। ଗାଁକୁ ନିତିଦିନିଆ ସଡ଼କ ନଥିବା ଏବଂ ଆମ୍ବୁଲାନ୍ସ ଯାଇପାରିନଥିବାରୁ ଏଭଳି ଦୁଃଖଦ ସ୍ଥିତି ଉପୁଜିଛି। ସୂଚନାନୁସାରେ, ପେଟାଖାଲ ଗ୍ରାମର ମାନା ନରେଙ୍ଗାକାଙ୍କ ସ୍ତ୍ରୀ ସେବତୀ ନରେଙ୍ଗାକା ପ୍ରସବ ପାଇଁ ଗୁଡ଼ାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମା' ଗୃହରେ ପ୍ରାୟ ୧୫ ଦିନ ଧରି ରହୁଥିଲେ। ଶୁକ୍ରବାର ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ି ଯାଇଥିଲା। ଏଣୁ ତାଙ୍କୁ ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ରାସ୍ତାରେ ତାଙ୍କର ଓ ନବଜାତ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ଗୁଣୁପୁରରୁ ହେଣ୍ଡେଡ଼େପା ଗ୍ରାମ୍ୟଉନ୍ନୟନ ରାସ୍ତା ପର୍ଯ୍ୟନ୍ତ ଅଣାଯାଇଥିଲା। ସେଠାରୁ ପେଟାଖାଲ ଗାଁକୁ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଯାଇପାରିନଥିଲା। ପରିବାର ଓ ବନ୍ଧୁମାନେ ଖଟିଆରେ ବୋହି ଗାଁକୁ ଆଣିଥିଲେ। ଘଟଣା ସମ୍ପର୍କରେ ଗୁଡାରି ସ୍ୱାସ୍ଥ୍ୟ କେନ୍ଦ୍ର ଏମ୍ ଓ ସ୍ୱାଗତ ସ୍ୱାଇଁଙ୍କୁ ପଚାରିବାରୁ କହିଛନ୍ତି, ଗର୍ଭବତୀଙ୍କ କେଉଁ ପରିସ୍ଥିତିରେ ମୃତ୍ୟୁ ଘଟିଲା। ତା'ର ଅନୁସନ୍ଧାନ କରାଯିବ। ଏନେଇ ଗୁଡାରିଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଗୁଣୁପୁରରେ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି ବୋଲି ଗୁଡାରି ଥାନା ଅଧିକାରୀ ବିଶ୍ୱ ବନ୍ଧିନି ବାଗ କହିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ହେଲା, ଏଭଳି ଖଟିଆରେ ବୋହି ଆଣିବା ଘଟଣା ପ୍ରଥମ ନୁହେଁ। ପୂର୍ବରୁ ଅନେକଥର ରୋଗୀ ଓ ଗର୍ଭବତୀ ମହିଳାଙ୍କୁ ନିଆଅଣା କରାଯାଇଛି।

# ପେଟ୍ରୋଲ ପମ୍ପରେ ମିଳୁ ନାହିଁ ମୁକ୍ତ ବାୟୁର ବ୍ୟବସ୍ଥା

ଜୟପୁର,୩୦/୬(ନି/ପ୍ର): ପେଟ୍ରୋଲ ପମ୍ପ ଖୋଲିବା ସମୟରେ ପେଟ୍ରୋଲିୟମ କମ୍ପାନୀମାନେ ଅନେକ ଯାନବାହାନ ଗୁଡିକର ଅତ୍ୟାବଶ୍ୟକ ସାମଗ୍ରୀର ସୁବିଧା ରଖିବା ବାଧ୍ୟତାମୂଳକ କରିଛନ୍ତି । ପମ୍ପ ଖୋଲିବା ପାଇଁ ଲାଇସେନ୍ସ ମଞ୍ଜୁର କରିବା ପୂର୍ବରୁ ଗ୍ରାହକଙ୍କ ପାଇଁ ପମ୍ପ ପରିସରରେ ଶୌଚାଳୟ, ପିଇବା ପାଣି, ଗାଡ଼ି ଚକ ଗୁଡ଼ିକରେ ପମ୍ପ ଦେବା ପାଇଁ ମୁକ୍ତ ବାୟୁର ବ୍ୟବସ୍ଥା କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ କୋରାପୁଟ ଜିଲା କୋରାପୁଟ, ଜୟପୁର, ସେମିଳିଗୁଡା, ବୋରିଗୁମ୍ମା, ବୈପାରିଗୁଡା, କୋରାପୁଟରେ ଉପଖଣ୍ଡର ଅଧିକାଂଶ ପେଟ୍ରୋଲ ପମ୍ପରେ ଗାଡ଼ି ଚାଳକମାନଙ୍କ ବ୍ୟବହାର ପାଇଁ ମୁକ୍ତ ବାୟୁର ବ୍ୟବସ୍ଥା କରାଯାଉ ନଥିବା ଦେଖାଯାଇଛି । ଏପରିକି ଅନେକ ପମ୍ପରେ ଶୌଚାଳୟର ବ୍ୟବସ୍ଥା କରି ସୁଦ୍ଧା କେବଳ ସେହି ପେଟ୍ରୋଲ ପମ୍ପରେ ପେଟ୍ରୋଲ ଓ ଡିଜେଲ ଭରୁଥିବା ଗ୍ରାହକମାନଙ୍କୁ ମାଗଣା ଶୌଚାଳୟ ସୁବିଧା ଯୋଗାଉଥିବା ଦେଖାଯାଇଛି । ଜିଲାର କିଛି ପେଟ୍ରୋଲ ପମ୍ପରେ ମାଲିକମାନେ ନିଜସ ଉଦ୍ୟମରେ ମୁକ୍ତବାୟୁ ବ୍ୟବସ୍ଥା କରିଥିବାବେଳେ ଅଧିକାଂଶ ପମ୍ପରେ ଏହା କେବଳ ଧର୍ମକୁ ଆଖି ଠାର ଭଳି ରଖାଯାଇଛି । ଏପରିକି କିଛି ପମ୍ପରେ ଏଭଳି ବ୍ୟବସ୍ଥା ଆରମ୍ଭରୁ କାର୍ଯ୍ୟକ୍ଷମ କରାଯାଇ ନଥିବା ଦେଖାଯାଇଛି । ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । କୋରାପୁଟ ଜିଲାରେ ସମସ୍ତ ବ୍ଲକ ଓ ସହରାଂଚଳର ମୁଖ୍ୟରାସ୍ତା ସହ ବିଭିନ୍ନ ରାସ୍ତା କଡରେ ବିଭିନ୍ନ ପେଟ୍ରୋଲଲିୟମ କମ୍ପାନୀର ପ୍ରାୟ ୨୫ ଟି ରୁ ଅଧିକ ପେଟ୍ରୋଲ ପମ୍ପ ରହିଛି । ପେଟ୍ରୋଲ ପମ୍ପ ଖୋଲିବା ପୂର୍ବରୁ ସମ୍ପୃକ୍ତ କମ୍ପାନୀ ମାନେ ନୂତନଭାବେ ଖୋଲା ଯାଉଥିବା ପମ୍ପ ପରିସରରେ ଗ୍ରାହକଙ୍କ ବ୍ୟବହାର ପାଇଁ ପୃଥକ ଭାବେ ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ସତନ୍ତ୍ର ଶୌଚାଳୟ, ପିଇବା ପାଣି ସାଙ୍ଗକୁ ଗ୍ରାହକଙ୍କ ଗାଡ଼ି ଚକରେ ପମ୍ପ ଦେବା ପାଇଁ ମୁକ୍ତବାୟୁର ବ୍ୟବସ୍ଥା ଥିବା ସମ୍ପର୍କରେ ଆବଶ୍ୟକ ପ୍ରମାଣପତ୍ର ଦାଖଲ କରିବା ପରେ ବିଭାଗୀୟ କର୍ତୃପକ୍ଷ ଲାଇସେନ୍ସ ପ୍ରଦାନକରିବାର ବ୍ୟବସ୍ଥା ରହିଛି । ହେଲେ କୋରାପୁଟ ଜିଲାର ପେଟ୍ରୋଲ ପମ୍ପରେ ଏହି ବ୍ୟବସ୍ଥା କେବଳ ଲୋକ ଦେଖାଣିଆ ଭାବରେ ରହିଥିବା ଦେଖାଯାଉଛି । ଏପରିକି ଅନେକ ପମ୍ପରେ ଏହି ବ୍ୟବସ୍ଥା ବର୍ଷବର୍ଷ ଧରି ଅଚଳ ହୋଇ ପଡି ରହିଥିବାବେଳେ ଜୟପୁରରେ କାର୍ଯ୍ୟକାରି ହୋଇ ପାରିନାହିଁ । ନିୟମିତ ବ୍ୟବଧାନରେ କମ୍ପାନୀ ପକ୍ଷରୁ ସମ୍ପୃକ୍ତ ପମ୍ପଗୁଡ଼ିକର ତଦାରଖ କରାଯାଉଥିବା ବେଳେ ଉପଖଣ୍ଡର ଅଧିକାଂଶ ପମ୍ପରେ ମୁକ୍ତବାୟୁ ସୁବିଧା ନଥିଲେ ମଧ୍ୟ କେଉଁ ଆଧାରରେ ସେମାନେ ପ୍ରମାଣପତ୍ର ଦେଉଛନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟ ପକ୍ଷରେ ପେଟ୍ରୋଲ ପମ୍ପଗୁଡ଼ିକରେ ଥିବା ଅନେକ ବ୍ୟବସ୍ଥାର ତଦାରଖ ଦାୟିତ୍ୱ କେବଳ ସମ୍ପୃକ୍ତ କମ୍ପାନୀ କର୍ତୃପକ୍ଷଙ୍କ ନିଜସ ଅଧୀନରେ ରହୁଛି । ଯାହାଫଳରେ ଏଭଳି ଅସୁବିଧା ଜିଲା ପ୍ରଶାସନ ଜାଣିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରିବା ଅସମ୍ଭବ ହୋଇ ପଡୁଥିବା ଦେଖାଯାଉଛି । ଫଳରେ ପମ୍ପ ମାଲିକମାନେ ମନଇଛା ଗ୍ରାହକଙ୍କୁ ଦିନ ଦୁଇ ପ୍ରହରରେ ଠକୁଛନ୍ତି । ଏ ଦିଗରେ ପେଟ୍ରୋଲିୟମ କମ୍ପାନୀ କର୍ତୃପକ୍ଷଙ୍କ ସହ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ପେଟ୍ରୋଲ ପମ୍ପରେ ମୌଳିକ ସୁହିଧା ନଥିବା ଯୋଗୁଁ ଯାତ୍ରୀ, ସାଧାରଣ ଜନତା, ବହୁତ ହଇରାଣ ହରକତ ହେଉଥିବା ଜଣାଯାଇଛି । ଏହା ସହ ଡ୍ରାଇଭର ମାନେ ବହୁତ ହଇରାଣ ହେଉଥିବା ବେଳେ ଯେଉଁ ପେଟ୍ରୋଲ ପମ୍ପରେ ସୁବଧା ରହିଛି ତାହା ସ୍ୱଛ ରଖାଯାଉ ନାହିଁ । ଅପରିଷ୍କାର ପରିବେଶରେ ରହିଥିବା ଜଣାଯାଇଛି ।




# ରାଉରକେଲା ପୋଲିସ 'ଡିଜିଟାଲ ଗିରଫ' ସାଇବର ଠକେଇର ଠାବ କରି ମୁମ୍ବାଇରୁ ୨ ଅଭିଯୁକ୍ତଙ୍କୁ ଗିରଫ କଲା





ରାଉରକେଲା,୩୦/୬(ନି/ପ୍ର): ପୋଲିସ ଆଇନ ପ୍ରବର୍ତ୍ତନ ଅଧିକାରୀଙ୍କ ପରିଚୟ ଦେଇ, ରାଉରକେଲାର ଜଣେ ବ୍ୟକ୍ତିଙ୍କ ଠାରୁ ୧୪.୩୬ ଲକ୍ଷ ଟଙ୍କା ଠକେଇ ସହିତ ଡିଜିଟାଲ ଗିରଫ ସାଇବର ଠକେଇରେ ଜଡିତ ମାମଲାରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ବ୍ୟାଙ୍କ କାରବାର, ମୋବାଇଲ୍ ନମ୍ବର, ଡିଜିଟାଲ ପ୍ରମାଣ ଏବଂ ହିତାଧିକାରୀଙ୍କ ଆକାଉଣ୍ଟର ବୈଷୟିକ ବିଶ୍ଳେଷଣକୁ ଉପଯୋଗ କରି ତଦନ୍ତକାରୀ ପୋଲିସ ଦଳ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବାରେ ସଫଳ ହୋଇଛି। ମାମଲାର ତଦନ୍ତ ପାଇଁ ଦୁଇଟି ପୋଲିସ ଦଳ ମୁମ୍ବାଇକୁ ପଠାଯାଇଥିଲା। ସେଠାରୁ ସାଇବର ଠକେଇ ଗ୍ୟାଙ୍ଗ ସହିତ ଜଡିତ ଦୁଇ ଅଭିଯୁକ୍ତଙ୍କୁ ପୋଲିସ୍ ଗିରଫ କରିବା ସହିତ ସେମାନଙ୍କ ଠାରୁ ମୋବାଇଲ୍ ଫୋନ୍, ସିମ୍ କାର୍ଡ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ ପ୍ରମାଣ ପୋଲିସ୍ ପକ୍ଷରୁ ଜବତ୍ କରାଯାଇଛି ବୋଲି ଆଜି ରାଉରକେଲା ପୋଲିସ୍ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପଶ୍ଚିମାଂଚଳ ଆରକ୍ଷୀ ଉପ-ମହାନିରୀକ୍ଷକ ବ୍ରିଜେଶ କୁମାର ରାୟ ଏବଂ ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ । ସୂଚନା ଅନୁସାରେ ପୋଲିସ୍ ତଦନ୍ତରୁ ଜଣାପଡିଥିଲା ଯେ, ଠକେଇ ଟଙ୍କା ଧଳା କରିବା ପାଇଁ ବ୍ୟବହୃତ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ମଧ୍ୟରୁ ଅନେକ ଆନ୍ତଃରାଜ୍ୟ ସାଇବର ଠକେଇ ମାମଲା ସହିତ ଜଡିତ। ଯାହା ଏକ ସଂଗଠିତ ସାଇବର ଅପରାଧ ନେଟୱାର୍କର ସମ୍ପୃକ୍ତିକୁ ସୂଚିତ କରୁଛି। ପୋଲିସ୍ ପକ୍ଷରୁ ସାଇବର ଠକେଇର ଅଧିକ ତଦନ୍ତ ଜାରି ରହିଛି। ପୋଲିସର ଏହି ସଫଳ ଅଭିଯାନ ସାଇବର ଅପରାଧ ମୁକାବିଲା ଏବଂ ଅପରାଧୀମାନଙ୍କୁ ଧରି ଅଭିଯୋଗକାରୀଙ୍କୁ ନ୍ୟାୟ ପ୍ରଦାନ କରିବାରେ ରାଉରକେଲା ପୋଲିସର ପ୍ରତିବଦ୍ଧତା, ବୃତିଗତତା ଏବଂ ବୈଷୟିକ ବିଶେଷଜ୍ଞତାକୁ ସ୍ପଷ୍ଟ କରୁଛି। ରାଉରକେଲା ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ଡିଜିଟାଲ୍ ଗିରଫ ଠକେଇ ବିରୁଦ୍ଧରେ ସତର୍କ ରହିବାକୁ ନିବେଦନ କରାଯାଇଛି। ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ଯେ, କୌଣସି ଆଇନ ପ୍ରବର୍ତ୍ତନ ସଂସ୍ଥା, ଟଙ୍କା ଦାବି କରେ ନାହିଁ କିମ୍ବା ଭିଡିଓ କଲ୍ ମାଧ୍ୟମରେ ତଦନ୍ତ କରେ ନାହିଁ। ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ଯେ କୌଣସି ସାଇବର ଠକେଇ ହେଲେ, ତୁରନ୍ତ ନାଗରିକମାନଙ୍କୁ ୧୯୩୦ ନମ୍ବରକୁ କଲ୍ କରି କିମ୍ବା ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ୍ ମାଧ୍ୟମରେ ତୁରନ୍ତ ଏପରି ଘଟଣାର ରିପୋର୍ଟ କରିବାକୁ ପରାମର୍ଶ ଦିଆଯାଇଛି। ସାଇବର ଠକେଇ ମାମଲାରେ ଗିରଫ ଅଭିଯୁକ୍ତମାନେ ହେଲେ ମହାରାଷ୍ଟ୍ର ମୁମ୍ବାଇର କାଣ୍ଡେଭାଲି (ପୂର୍ବ), ଚାରକୋପ୍ ପୋଲିସ୍ ଥାନା ଅନ୍ତର୍ଗତ ସେକ୍ଟର-୬ ସିଏଚ୍‌ଏସ୍ ବେବରାଇ ବିଲଡିଂର ଘର ନମ୍ବର - ୪୦୨ର ନୟନ ଲଳିତ ନାଥୱାନୀ (ଜିଏସଟି ଦଲାଲ) (୪୭ ବର୍ଷ) ପିତା- ଲଳିତ ଜେଠାଲାଲ। ଦ୍ୱିତୀୟ ଅଭିଯୁକ୍ତ ହେଲେ ମହାରାଷ୍ଟ୍ର ମୁମ୍ବାଇର କାଣ୍ଡିଭାଲି ଥାନା ଅନ୍ତର୍ଗତ କାଣ୍ଡିଭାଲିର ହୋଇଥିଲା ବେଳେ ବର୍ତ୍ତମାନ ପୋଇସାର ଗ୍ରାମରେ ରହୁଥିବା ଧବଳ ପରେଶ ପାଣ୍ଡ୍ୟା (୩୫ ବର୍ଷ) ପିତା - ପରେଶ ପାଣ୍ଡ୍ୟା, ମୁମ୍ବାଇ ସଂଗୀତଜ୍ଞ (ଡ୍ରମ୍ ପ୍ଲେ, ଫ୍ରିଲାନ୍ସ) ଅ ୫୦୦୦ ରୁ ୭୦୦୦ ଏବଂ ଜିଏସ୍‌ଟି ଦଲାଲ। ଅଭିଯୁକ୍ତ ନୟନ ଲଳିତ ନାଥୱାନୀଙ୍କଠାରୁ ସିମ୍ ନମ୍ବର ୯୮୨୦୬୧୨୩୦୬ (ଭୋଡାଫୋନ୍) ଏବଂ ୭୨୦୮୩୨୧୬୯୬ (ଏୟାରଟେଲ୍) ସହିତ ଏକ ମୋବାଇଲ୍ ହ୍ୟାଣ୍ଡସେଟ୍ ନିର୍ମାତା/ମଡେଲ୍ ଙଚଟଡ ର-୧୭ ଜବତ କରାଯାଇଛି ଏବଂ ଅଭିଯୁକ୍ତ ଧବଳ ପାଣ୍ଡ୍ୟାଙ୍କଠାରୁ ସିମ୍ ନମ୍ବର ୯୩୨୬୪୫୭୯୮୫ (ୱିଓଡ) ସହିତ ଝବଙ୍ଙକ୍ଷ୍ଙ୍କଭଣ ଏବକ୍ଷ-ବଙଛ ତ ରକ୍ଷ୍କକ୍ଷୟ-୭ ଜବତ କରାଯାଇଛି। ଅଭିଯୁକ୍ତଙ୍କ ପୂର୍ବ କ୍ରାଇମ୍ ରେକର୍ଡ ପୋଲିସ୍ ପକ୍ଷରୁ ଯାଚଂ କରାଯାଉଛି। ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ଯେ, ସାଇବର ଠକମାନେ ଯେତେବେଳେ ଟଙ୍କା ଧଳା କରିବା ପାଇଁ ବ୍ୟବହାର କରିଥିବା ଆକାଉଣ୍ଟଗୁଡ଼ିକ ଅନେକ ଆନ୍ତଃରାଜ୍ୟ ସାଇବର ଠକେଇ ମାମଲାରେ ଜଡିତ ଥିବା ଜଣାପଡ଼ିଥିଲା ଯେପରିକି: ମହାରାଷ୍ଟ୍ରରୁ ଗୋଟିଏ, ଉତ୍ତର ପ୍ରଦେଶର ଦୁଇଟି, ତେଲେଙ୍ଗାନାର ଗୋଟିଏ ଏବଂ ଓଡ଼ିଶାର ଗୋଟିଏ, ସେତେବେଳେ ଏହାର ତଦନ୍ତକୁ ଯୋରଦାର କରାଯାଇଥିଲା। ଦୁଇ ଅଭିଯୁକ୍ତଙ୍କ ବିରୁଦ୍ଧରେ ସାଇବର କ୍ରାଇମ ଏବଂ ଇ.ଓ. ଥାନା ମାମଲା ନମ୍ବର-୨୨ ତାରିଖ ୧୦.୦୩.୨୦୨୬ ଟ/ଝ ୩୧୮(୪)/୩୧୯(୨)/୩୩୬(୩)/୩୩୮/୩୪୦(୨) ଇଘଝ/୬୬(ଉ)/୬୬(ଉ) ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ଆଇନରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ୭୮ତମ ଚାର୍ଟର୍ଡ ଆକାଉଣ୍ଟାଂଟ୍‌ସ୍ ଦିବସ ଅବସରରେ ବୃକ୍ଷରୋପଣ ଅଭିଯାନ ଆୟୋଜିତ



ରାଉରକେଲା,୩୦/୬(ନି/ପ୍ର): ଭାରତୀୟ ଚାର୍ଟର୍ଡ ଆକାଉଣ୍ଟାଂଟ୍‌ସ୍ ସଂସ୍ଥାନ (ଓଉଇଓ) ର ରାଉରକେଲା ଶାଖା (ରଓଜଉ) ଆନୁକୂଲ୍ୟରେ ୭୮ତମ ଚାର୍ଟର୍ଡ ଆକାଉଣ୍ଟାଂଟ୍‌ସ୍ ଦିବସ ଉପଲକ୍ଷେ 'ଏକ ପେଡ୍ ମାଁ କେ ନାମ୍' (ଗୋଟିଏ ଗଛ ମା' ନାଁରେ) ଅଭିଯାନ ଅନ୍ତର୍ଗତ ଉଦିତନଗର ସ୍ଥିତ ଦୁର୍ଗା ମଣ୍ଡପ, ଫିଟନେସ୍ ପାର୍କ ନିକଟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପରିବେଶ ସୁରକ୍ଷା, ସବୁଜ ଓ ସ୍ୱଚ୍ଛ ରାଉରକେଲା ଗଠନ ଏବଂ ପ୍ରକୃତି ପ୍ରତି ସାମାଜିକ ଦାୟିତ୍ୱବୋଧର ବାର୍ତ୍ତା ଦେବା। ଶାଖାର କର୍ମକର୍ତ୍ତା, ସଦସ୍ୟ ଏବଂ ସିଏ (ଉଇ) ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଚାରା ରୋପଣ କରି ପରିବେଶ ସୁରକ୍ଷାର ସଂକଳ୍ପ ନେଇଥିଲେ ଏବଂ ଅଧିକରୁ ଅଧିକ ଗଛ ଲଗାଇବା ସହ ସେଗୁଡ଼ିକର ଯତ୍ନ ନେବା ପାଇଁ ସନ୍ଦେଶ ଦେଇଥିଲେ। ଏହି ଅବସରରେ ଶାଖାର ଚେୟାରମ୍ୟାନ୍ ସିଏ ପଙ୍କଜ ଗର୍ଗ କହିଥିଲେ ଯେ, ପରିବେଶ ସୁରକ୍ଷା ଆଜିର ସମୟର ସବୁଠାରୁ ବଡ଼ ଆବଶ୍ୟକତା। ଚାର୍ଟର୍ଡ ଆକାଉଣ୍ଟାଂଟ୍‌ସ୍‌ମାନେ ସମାଜ ପ୍ରତି ନିଜର ଦାୟିତ୍ୱ ନିର୍ବାହ କରି କେବଳ ଅର୍ଥନୈତିକ ବିକାଶ ନୁହେଁ, ବରଂ ପରିବେଶ ସୁରକ୍ଷା ଭଳି ସାମାଜିକ କାର୍ଯ୍ୟରେ ମଧ୍ୟ ସକ୍ରିୟ ଅଂଶଗ୍ରହଣ କରୁଛନ୍ତି। ସେ ସମସ୍ତ ନାଗରିକଙ୍କୁ ଅଧିକରୁ ଅଧିକ ଚାରା ରୋପଣ କରିବା ଏବଂ ସେଗୁଡ଼ିକର ନିୟମିତ ଯତ୍ନ ନେବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଚେୟାରମ୍ୟାନ୍ ସିଏ ରାକେଶ ଜୈନ, ସିଏ ପଙ୍କଜ ଗର୍ଗ (ଚେୟାରମ୍ୟାନ୍), ସିଏ କିଷନ ଅଗ୍ରୱାଲ, ସିଏ ସଞ୍ଜୟ ମିତଲ, ସିଏ ସୋନୁ ଅଗ୍ରୱାଲ, ସିଏ ଦୀପକ ଅଗ୍ରୱାଲ, ସିଏ ରବି ଅଗ୍ରୱାଲ, ସିଏ କୃଷ୍ଣା ଗୁପ୍ତା, ସିଏ ଶ୍ରଦ୍ଧାଶିଷ ଶତପଥୀ, ସିଏ ତନ୍ମୟ ଅଗ୍ରୱାଲଙ୍କ ସମେତ ଶାଖାର ଅନେକ ସଦସ୍ୟ ଓ ସିଏ ଛାତ୍ରଛାତ୍ରୀ ସକ୍ରିୟ ସହଭାଗିତା ପ୍ରଦର୍ଶନ କରିଥିଲେ। ଆଗାମୀ ଦିନରେ ମଧ୍ୟ ପରିବେଶ ସୁରକ୍ଷା ଏବଂ ସମାଜ ମଙ୍ଗଳ ସହ ଜଡ଼ିତ ଏଭଳି ଜନସଚେତନତା କାର୍ଯ୍ୟକ୍ରମ ନିରନ୍ତର ଜାରି ରଖିବା ପାଇଁ ରାଉରକେଲା ଶାଖା ପକ୍ଷରୁ ସଂକଳ୍ପ ପ୍ରକାଶ କରାଯାଇଛି।

# ଆରଏଲସି କାର୍ଯ୍ୟାଳୟ ସମ୍ମୁଖରେ ଏକ ବିରାଟ ଗଣବିକ୍ଷୋଭ




ରାଉରକେଲା,୩୦/୬(ନି/ପ୍ର): ଆଜି ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ସଂଘ ପକ୍ଷରୁ ସେକ୍ଟର-୫ ସ୍ଥିତ ଆରଏଲସି କାର୍ଯ୍ୟାଳୟ ସମ୍ମୁଖରେ ଏକ ବିରାଟ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ଗଣବିକ୍ଷୋଭରେ ଶତାଧିକ କର୍ମଚାରୀ ଭାଇଭଉଣୀଙ୍କ ସ୍ୱତଃସ୍ଫୂର୍ତ ଯୋଗଦାନ ଓ ସମର୍ଥନ କର୍ମଚାରୀମାନଙ୍କ ଆକ୍ରୋଶ ଓ ଏକତାକୁ ସ୍ପଷ୍ଟ ଭାବେ ପ୍ରତିଫଳିତ କରିଛି। ଜଖଉଙ୍କ ନିର୍ଦ୍ଦେଶ ସତ୍ତ୍ୱେ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଅଗଣତାନ୍ତ୍ରିକ ଓ ଏକପାଖିଆ ଭାବେ କର୍ମଚାରୀମାନଙ୍କୁ ମନମୁଖୀ ବଦଳି କରୁଥିବାର ବିରୋଧରେ ଏହି ଗଣବିକ୍ଷୋଭ ଆୟୋଜିତ ହୋଇଥିଲା। ଗୋଟିଏ ଏଲଓପିରୁ ଅନ୍ୟ ଗୋଟିଏ ଏଲଓପିକୁ ବଦଳି କରିବାର କୌଣସି ନିୟମ ନଥିବା ସତ୍ତ୍ୱେ, ୨୪-୦୯-୨୦୨୫ ତାରିଖରେ କର୍ତ୍ତୃପକ୍ଷ ବିଭିନ୍ନ ବିଭାଗରୁ ୧୮ ଜଣ କର୍ମଚାରୀଙ୍କୁ ଏସଏମଏଓ-୨ ବିଭାଗକୁ ବଦଳି କରିଥିଲେ। ଏହାର ପ୍ରତିବାଦରେ ୨୫-୦୯-୨୦୨୫ ତାରିଖରେ ରାଉରକେଲା ଶ୍ରମିକ ସଂଘ ଔଦ୍ୟୋଗିକ ବିବାଦ ଆଇନ ଅନୁଯାୟୀ ଜଖଉଙ୍କ ନିକଟରେ ଏକ ମାମଲା ଦାଖଲ କରିଥିଲା ଓୟ ଭକ୍ଟ- ୩୦୦୧୫୦୨୨୮ (ଜରଲରକ୍ସରଭମର ଘକ୍ଟ. ଜଝଙ୍/୧୦/୨୦୨୫/୭୪)। ଉକ୍ତ ମାମଲାର କନସିଲିଏସନ୍ ପ୍ରକ୍ରିୟା ଚାଲିଥିବା ସମୟରେ, ୦୯-୦୫-୨୦୨୬ ତାରିଖରେ କର୍ତ୍ତୃପକ୍ଷ ପୁଣିଥରେ ୩୫ ଜଣ କର୍ମଚାରୀଙ୍କୁ ଟାଉନ୍‌ସିପରୁ ପ୍ଲାଂଟ ଏବଂ ପ୍ଲାଂଟରୁ ଟାଉନ୍‌ସିପ୍‌କୁ ବଦଳି କରିଥିଲେ। ଏହି ବିଷୟରେ ସଂଘ ଜଖଉଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ, ଜଖଉ ୧୨-୫-୨୦୨୬ ରେ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କୁ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଥାପି, ୦୨-୦୬-୨୦୨୬ ତାରିଖରେ ପୁଣି ୩୦ ଜଣ କର୍ମଚାରୀଙ୍କୁ ପ୍ଲାଂଟକୁ ଏବଂ ୩୦ ଜଣ କର୍ମଚାରୀଙ୍କୁ ଟାଉନ୍‌ସିପ୍‌କୁ ବଦଳି କରାଯାଇଥିଲା। ଜଖଉଙ୍କୁ ଏହି ବିଷୟରେ ସଂଘ ଅବଗତ କରାଇବା ପରେ, ଜଖଉ ଉଭୟ ପକ୍ଷଙ୍କୁ ୦୮-୦୬-୨୦୨୬ ତାରିଖରେ କନସିଲିଏସନ୍ ପାଇଁ ଡାକିଥିଲେ। ଏହି ବୈଠକରେ ମ୍ୟାନେଜମେଂଟ ପକ୍ଷରୁ ଜିଏମ୍(ଏଚଆର) ଏବଂ ସଂଘ ପକ୍ଷରୁ ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ବେହେରା ଦସ୍ତଖତ କରି ସ୍ଥିତାବସ୍ଥା ବଜାୟ ରଖିବାକୁ ସହମତି ପ୍ରକାଶ କରିଥିଲେ। ପରବର୍ତ୍ତୀ କନସିଲିଏସନ୍ ବୈଠକ ୩୦-୦୬-୨୦୨୬ ତାରିଖରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିଲା। କିନ୍ତୁ, ଏହା ପୂର୍ବରୁ ହିଁ ୧୦-୦୬-୨୦୨୬ ତାରିଖରେ କର୍ତ୍ତୃପକ୍ଷ ପୂର୍ବରୁ ସ୍ଥଗିତ ରଖାଯାଇଥିବା ସମସ୍ତ ବଦଳି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିଦେଇଥିଲେ। ରାଉରକେଲା ଶ୍ରମିକ ସଂଘ ଏହାକୁ ଏକ ଅନୈତିକ, ଅଗଣତାନ୍ତ୍ରିକ ଏବଂ ଏକଛତ୍ରବାଦୀ ପଦକ୍ଷେପ ବୋଲି ବର୍ଣ୍ଣନା କରିଛି। ସଂଘର ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ବେହେରା କହିଛନ୍ତି ଯେ, ଏହିପରି ମନମୁଖୀ କାର୍ଯ୍ୟକଳାପ ଆଗାମୀ ଦିନରେ ଯେକୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରେ ଏବଂ ସେଥିପାଇଁ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣଭାବେ ଦାୟୀ ରହିବେ। ଏହି ଗଣବିକ୍ଷୋଭକୁ ସଫଳ କରିବାରେ ସଂଘର ଉପସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମହାପାତ୍ର, ଚକ୍ରଧର ପ୍ରଧାନ, ଉପସଭାପତି ଆର୍ କେ ପଣ୍ଡା, ଅକ୍ଷୟ ଜେନା, ସୁଦାନ ଚୌଧୁରୀ, ନିହାର ଦାସ, ସତ୍ୟ ସାହୁ, ସୁରେଶ ପାଣିଗ୍ରାହୀ, ସୁରେଶ କିଶାନ, ମନୋଜ କିଶାନ, ଦୁଃଶାସନ ନାୟକ, ବିକାଶ ବେହୁରିଆ, ସୌମ୍ୟଧଳ, ପଦ୍ମଲୟାଧର, ରଘୁନାଥ ପ୍ରଧାନ, ପ୍ରଫୁଲ୍ଲ ଦାସ, ସରୋଜ ଦାସ, ସରୋଜ ମିଶ୍ର, ବିଶ୍ୱ ମୋହନ ପ୍ରଧାନ, ସୁଜିତ ନାୟକ, ବିନୋଦ ତନ୍ତୀ, ମନମୋହନ ବେହେରା, ଅଖିଳ ପୃଷ୍ଟି, ପି କେ ସାହୁ, ଦିଲୀପ ମଲ୍ଲିକ, ତୁଷାର ସାହୁ, ବ୍ରହ୍ମାନନ୍ଦ ବେହେରା, ଦିପକ ଦେ, ରାଜୀବ, ମନୋଜ ପଟ୍ଟନାୟକ, ସଂଜିତ ମଲ୍ଲିକ, ଅଗ୍ନି ଗୋଛୟତ ପ୍ରମୁଖ ସହଯୋଗ କରିଥିଲେ ନିହାର ଦାସ।

# ଗଜାନନ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି

ଜୟପୁର,୩୦/୬(ନି/ପ୍ର): ଜୟପୁର ଜଗନ୍ନାଥ ମନ୍ଦିର ପରିସରରେ ଥିବା ସ୍ନାନ ମଣ୍ଡପରେ ଗଜାନନ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି। ୧୦୮ ହାଣ୍ଡିର ଜଳ, ପଇଡ଼, ନଡ଼ିଆ ପାଣିରେ ଚତୁର୍ଦ୍ଧାମୂର୍ତ୍ତି ସ୍ନାନ କରାଯାଇଥିଲା। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅନ୍ନ ଭୋଗଲାଗି କରାଯାଇ ରତ୍ନ ସିଂହାସନରୁ ଓହ୍ଲାଇ ଅଣାଯାଇଥିଲା। ସଂକିର୍ତ୍ତନ, ବାଜାରେ ଶ୍ରୀଜିଉ, ପିତତପାବନ, ସୁଦର୍ଶନଙ୍କୁ ସାଢ଼େ ୩ଟାରେ ସ୍ନାନ ମଣ୍ଡପକୁ ବିଜେ କରାଯାଇଥିଲା। ସେଠାରେ ସ୍ନାନପରେ ଗଜାନନବେଶରେ ଦର୍ଶନ ଦେଇଥିଲେ ଚତୁର୍ଦ୍ଧାମୂର୍ତ୍ତି। ସହରର ପରମ୍ପରା ଅନୁସାରେ ସୁନାରି ସାହି ବାସିନ୍ଦା ବଳଭଦ୍ର ଓ ସୁଭଦ୍ରାଙ୍କୁ, ସାମନ୍ତରା ସାହି ବାସିନ୍ଦା ଜଗନ୍ନାଥଙ୍କୁ ପହଣ୍ଡି କରାଇ ସ୍ନାନ ମଣ୍ଡପକୁ ଆଣିଥିଲେ। ସେଠାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପଇଡ଼, ନଡ଼ିଆ ପାଣି, ଗଙ୍ଗାଜଳରେ ସ୍ନାନ କରାଇଥିଲେ। ପରେ ଠାକୁରଙ୍କ ଗଜାନନ ବେଶ ହୋଇଥିଲା। ଠାକୁରଙ୍କ ଗଜାନନ ବେଶ ସହ ଦେବ ସ୍ନାନ ଦେଖିବାକୁ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ହାତରେ ନଡ଼ିଆ, କଦଳି ଧରି ପହଂଚିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଟାଉନ ପୋଲିସ ମୁତୟନ ହୋଇଥିଲେ। ଦେବୋତର ବିଭାଗ ତରଫରୁ ସବୁ ବ୍ୟବସ୍ଥା କରାଯାଇଥିଲା। ଦେବସ୍ନାନ ସମୟରେ ଘଂଟ, ବାଜା, ହୁଳହୁଳି ସଂକିର୍ତ୍ତନ ମଣ୍ଡଳୀଙ୍କ ଗୀତରେ ପରିବେଶ ମୁଖରିତ ହୋଇଉଠିଥିଲା। ରାତ୍ରରେ ଅଣସରେ ଗୃହକୁ ଯାତ୍ରା କରିବେ କାଲି ଠାରୁ ୩ ଠାକୁର ଜ୍ୱରରେ ପଡ଼ିବେ। ସେଠାରେ ୧୫ ଦିନ ଅଣସରେ ରହିବା ପରେ ନେତ୍ର ଉତ୍ସବ ଓ ନବଯୌବନ ବେଶରେ ଦର୍ଶନ ଦେଇ ଘୋଷଯାତ୍ରାରେ ବାହାରିବେ ଠାକୁର। ଜଗନ୍ନାଥଙ୍କ ମୁଖ୍ୟ ପୁରୋହିତ ଡମ୍ବରୁଧର ପଣ୍ଡା ଓ ଜଗନ୍ନାଥ ତ୍ରିପାଠୀ ସମସ୍ତ ନୀତିକାନ୍ତି ତୁଲାଇଥିଲେ। ସେହିପରି ପୁରୁଣାଗଡ଼ ସ୍ଥିତ ଜଗନ୍ନାଥ ମନ୍ଦିର ବାଟ ଜଗନ୍ନାଥପୁର ସ୍ଥିତ ଜଗନ୍ନାଥ ମନ୍ଦିର, ଆମ୍ବାଗୁଡ଼ା ସ୍ଥିତ ଜଗନ୍ନାଥ ମନ୍ଦିର, ବାରିଣିପୁଟ ସ୍ଥିତ ଜଗନ୍ନାଥ ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁଯାଇ ଶ୍ରୀଜିଉଙ୍କୁ ଦେବସ୍ନାନ କରାଯାଇ ଥିବା ଜଣାଯାଇଛି।

# ଟିକ୍ରାପଡ଼ା ଚାନ୍ଦ ମନ୍ଦିର ଶ୍ରୀଜୀଉମାନଙ୍କର ସ୍ନାନଯାତ୍ରା ଓ ହାତୀବେଶ

ବଲାଙ୍ଗୀର,୩୦/୬(ନି/ପ୍ର): ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ସ୍ଥାନୀୟ ଟିକ୍ରାପଡ଼ାସ୍ଥିତ ଶ୍ରୀକ୍ଷେତ୍ର ଚାନ୍ଦ ମନ୍ଦିରରେ ଶ୍ରୀ ଜୀଉମାନଙ୍କର ସ୍ନାନଯାତ୍ରା ଓ ଗଜାନନ ବେଶ ଅନୁଷ୍ଠିତ ହୋଇଯାଇଛି। ସକାଳ ଘ.୧୦ରୁ ଜୀଉମାନଙ୍କର ମହାସ୍ନାନ ଆରମ୍ଭ ହୋଇଥିଲା। କର୍ତ୍ତା ଭାବରେ ଚାନ୍ଦ ମନ୍ଦିର ପ୍ରତିଷ୍ଠାତା ସ୍ୱର୍ଗତ ପ୍ରଦୀପ ଚାନ୍ଦଙ୍କ ପୁତ୍ର ଆଲୋକ ଚାନ୍ଦ ଓ ତାଙ୍କ ସହଧର୍ମିଣୀ ଦିପ୍ତିମୟୀ ଚାନ୍ଦ ଶ୍ରୀ ଜୀଉମାନଙ୍କୁ ୧୦୮ କଳସ ସୁବାଷିତ ଜଳ ଢାଳି ରୀତିନୀତିରେ ସ୍ନାନଯାତ୍ରା ସମାପନ କରିଥିଲେ। ସନ୍ଧ୍ୟା ଘ.୫ରୁ ଶ୍ରୀ ଜୀଉମାନଙ୍କର ହାତୀ ବେଶ ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କୁ ହାତୀ ବେଶରେ ସଜାଇ ଥିଲେ ନିମାଇଁ ଚରଣ ହାତୀ, ଦ୍ୱିଜରାମ ମିଶ୍ର, ସତ୍ୟନାରାୟଣ ଶତପଥି। ଗଜାନନ ବେଶରେ ଶ୍ରୀ ଜୀଉଙ୍କୁ ଦର୍ଶନ କଲେ ଜଣା ଅଜଣାରେ ଅର୍ଜିତ ସମସ୍ତ ପତକ ଖଣ୍ଡନ ହୋଇ କୋଟି ପୁଣ୍ୟଫଳ ମିଳୁଥିବାର ବିଶ୍ୱାସ ରହିଛି। ଏଣୁ ରାତ୍ର ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ହାତୀବେଶ ଦର୍ଶନ କରିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଏହି ଅବସରରେ କମିଟି ପକ୍ଷରୁ ସଂକିର୍ତ୍ତନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସୁଧିର ଚାନ୍ଦ, ଦୀପକ ଚାନ୍ଦ, ରାଜିବ ମିଶ୍ର, ପଦ୍ମଲୋଚନ ଯୋଷୀ, ରଂଜିତ ପଣ୍ଡା, ମହେନ୍ଦ୍ର ବାଗ, ଛାୟାକାନ୍ତ ସାହୁ, ଶିବ ଶଙ୍କର ନାୟକ, ସମ୍ବିତ ପତି, ଅଶୋକ ଚାନ୍ଦ, ଅନିଲ ଠାକୁର, ବୁଲୁ ବେହେରା, ଚନ୍ଦନ ସରକାର, ଜୟକୃଷ୍ଣ ପଟେଲ ଓ ମନ୍ଦିର ପୂଜକ ବିଛନ୍ଦ୍ର ମିଶ୍ର ସହଯୋଗ କରିଥିଲେ।

# ରାଜଗାଙ୍ଗପୁରରେ ପବିତ୍ର ଦେବ ସ୍ନାନ ପୂର୍ଣ୍ଣମୀ ପାଳିତ



ରାଜଗାଙ୍ଗପୁର,୩୦/୬(ନି/ପ୍ର): ରାଜଗାଙ୍ଗପୁର ସହର ବିଭିନ୍ନ ସ୍ଥନରେ ସ୍ଥାପିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପବିତ୍ର ଦେବ ସ୍ନାନ ପୂର୍ଣ୍ଣମୀ ମହା ଆଡ଼ମ୍ବର ସହ ପାଳନ କରାଯାଇଛି । ରାଜଗାଙ୍ଗପୁର ସହରର ପୁରାତନ କୁମାରକେଲା ର ସ୍ଥାପିତ ଜଗନ୍ନାଥ ମନ୍ଦିର, ମଧୁସୂଦନ କଲୋନୀ ରେ ସ୍ଥାପିତ ଜଗନ୍ନାଥ ମନ୍ଦିର, ଓ ଲିପଲୋଇ ସ୍ଥିତ ଜଗନ୍ନାଥ ମନ୍ଦିରରେ ଜୀଉମାନଙ୍କଙ୍କ ଦେବସ୍ନାନ ଦର୍ଶନ କରିବା ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ଲାଗିଥିଲା। ଠିକ ସମୟରେ ତିନିଠାକୁରଙ୍କୁ ଧାଡି ରେ ପହଣ୍ଡି କରି ସ୍ନାନ ଯାତ୍ରାକରି ବିରାଜମାନ କଲେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ପାଇଁ ପ୍ରବଳ ଭିଡ଼ ଲାଗି ରହିବା ବେଳେ ସ୍ଥାନୀୟ ବିଧାୟକ ଡ଼ଃ ସି ଏସ ରାଜନ ଏକ୍କା ଦର୍ଶନ କଲେ ଶ୍ରୀ ଜୀଉଙ୍କୁ ଦର୍ଶନ କରି ଜୀଉ ମାନଙ୍କୁ ପରିଧାନ ପାଇଁ ପାଟ ଭେଟି ଦେଇ ରାଜଗାଙ୍ଗପୁର ଅଂଚଳ ବାସୀଙ୍କ ମଙ୍ଗଳ କାମନା କରିଥିଲେ। ଚତୁର୍ଦ୍ଧାମୂର୍ତ୍ତିଙ୍କ ୧୦୮ଗାର ରେ ସୁବାସିତ ପବିତ୍ର ଜଳରେ ସ୍ନାନ କରା ଯାଇଥିଲା। ନୀତି କାନ୍ତି ଅନୁଯାଇ ପୂଜାର୍ଚ୍ଚନା ପରେ ଠାକୁର ମାନଙ୍କୁ ବିଭିନ୍ନ ବେଶ ଭୁଷା ରେ ଆଭୂଶୀତ କରାଯାଇ ମଙ୍ଗଳ ଆଳତୀ କରାଯାଇଥିଲା। ଷୋଡ଼ଷ ଉପଚାର ରେ ପୂଜାର୍ଚ୍ଚନା କରା ଯାଇ ଅଛି ଠାକୁର ମାନଙ୍କ ହାତୀ ବେଶ କୁ ଦର୍ଶନ ପାଇଁ ଶ୍ରଦ୍ଧାଳୁ ମାନଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଥିଲା।

# ଦୁଇ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ହ୍ୱିଲ୍‌ଚେୟାର ପ୍ରଦାନ



ରାଉରକେଲା,୩୦/୬(ନି/ପ୍ର): ସମାଜସେବା ପ୍ରତି ନିଜର ପ୍ରତିବଦ୍ଧତାକୁ ଜାରି ରଖି ସମାଜସେବୀ ଦେବେନ୍ଦ୍ର ବାଗ ଦୁଇଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ କରିଛନ୍ତି। ଏହି ସହାୟତା ପାଇଥିବା ବ୍ୟକ୍ତିମାନେ ହେଲେ ନେହେରୁପାଲିର ଶ୍ରୀ ବିରବଲ ନନ୍ଦ (୩୨ ବର୍ଷ) ଏବଂ ସେକ୍ଟର-୬, ଜଗନ୍ନାଥ କଲୋନୀର ଶ୍ରୀ ବି. ସି. ଗ୍ରାଜୁ (୬୦ ବର୍ଷ)। ସେମାନଙ୍କର ଚଳପ୍ରଚଳରେ ସୁବିଧା ଓ ଦୈନନ୍ଦିନ ଜୀବନକୁ ଅଧିକ ସହଜ କରିବା ଉଦ୍ଦେଶ୍ୟରେ ଏହି ହ୍ୱିଲ୍‌ଚେୟାର ପ୍ରଦାନ କରାଯାଇଛି। ଏହି ଅବସରରେ ଦେବେନ୍ଦ୍ର ବାଗ କହିଥିଲେ ଯେ, ସମାଜର ଅସହାୟ ଓ ଆବଶ୍ୟକତାସମ୍ପନ୍ନ ଲୋକଙ୍କ ସେବା କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ଆଗାମୀ ଦିନରେ ମଧ୍ୟ ଏଭଳି ଜନହିତକର କାର୍ଯ୍ୟ ଜାରି ରହିବ ବୋଲି ସେ ପ୍ରକାଶ କରିଥିଲେ। ଉପସ୍ଥିତ ସ୍ଥାନୀୟ ବାସିନ୍ଦାମାନେ ଏହି ମାନବିକ ପଦକ୍ଷେପକୁ ପ୍ରଶଂସା କରିଥିଲେ ଏବଂ ଉପକୃତ ବ୍ୟକ୍ତିମାନେ କୃତଜ୍ଞତା ଜଣାଇଥିଲେ।

# ଆରଏସପିର ସତର୍କତା ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଚେତନା



ରାଉରକେଲା,୩୦/୬(ନି/ପ୍ର): ପ୍ରତିଷେଧକ ସତର୍କତା ପଦକ୍ଷେପର ଏକ ଅଂଶ ସ୍ୱରୂପ, ସେଲ୍ ରାଉରକେଲା ଇସ୍ପାତ କାରଖାନାର ସତର୍କତା ବିଭାଗ ପକ୍ଷରୁ ଜୁନ୍ ୨୬ ତାରିଖରେ ୱାର୍କସ ଅଂଚଳର ପ୍ଲାନିଂ ଅଫିସରମାନଙ୍କ ପାଇଁ ଚେତନା "- (ସଚେତନତାରୁ ଜାଗ୍ରତି ଆଡ଼କୁ) ଶୀର୍ଷକ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅଧିବେଶନରେ ନିର୍ବାହୀ ନିର୍ଦ୍ଦେଶକ (ୱାର୍କସ) ଶ୍ରୀ ବି.ଆର. ପଲାଇ ଏବଂ ଆରଏସପିର ମହାପ୍ରବନ୍ଧକ (ସତର୍କତା) ଓ ଏସିଭିଓ ଶ୍ରୀ ରଞ୍ଜନ ଭାରତୀ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ପ୍ରାୟ ୬୦ ଜଣ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରି ଶ୍ରୀ ପଲାଇ ସ୍ପଷ୍ଟ ଏବଂ ସନ୍ଦେହମୁକ୍ତ ଚୁକ୍ତିନାମା ନିର୍ଦ୍ଦିଷ୍ଟତା ଏବଂ ସୁନିର୍ଦ୍ଧିତ କାର୍ଯ୍ୟ ପରିସର ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସେ ଆଇନଗତ ଭାବେ ଲାଗୁ କରାଯାଇପାରୁଥିବା ଜରିମାନା ଧାରା, ପରସ୍ପର ବିରୋଧୀ ନିୟମାବଳୀକୁ ଏଡାଇବା ଏବଂ ଚୁକ୍ତିଭିତିକ ସର୍ତାବଳୀ ଯେପରି ବ୍ୟବହାରିକ ଏବଂ କାର୍ଯ୍ୟକାରୀ ହୋଇପାରିବ ତାହା ସୁନିର୍ଦ୍ଧିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଶ୍ରୀ ରଞ୍ଜନ ଭାରତୀ ସରକାରୀ ପାଣ୍ଠି ର ସଦୁପଯୋଗ କ୍ଷେତ୍ରରେ ଆବଶ୍ୟକୀୟ ସତର୍କତା ଏବଂ ନିଷ୍ଠାର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଗୁରୁତ୍ୱ ଦେଇ କହିଥିଲେ ଯେ ସମସ୍ତ ପ୍ରସ୍ତାବ ଏବଂ ପ୍ରଚଳିତ ନିର୍ଦ୍ଦେଶାବଳୀରୁ ଯେକୌଣସି ପ୍ରକାରର ବିଚ୍ୟୁତି ପଛରେ ଉପଯୁକ୍ତ ଯୁକ୍ତିଯୁକ୍ତ କାରଣ ରହିବା ଆବଶ୍ୟକ ଏବଂ ଏହା ସକ୍ଷମ କର୍ତ୍ତୃପକ୍ଷ ଙ୍କ ଦ୍ୱାରା ଅନୁମୋଦିତ ହେବା ଉଚିତ। ଏହି ଅଧିବେଶନରେ ସତର୍କତା ବିଭାଗର ସହ ମହାପ୍ରବନ୍ଧକ ଶ୍ରୀ ଅବନୀ କୁମାର ବିଶ୍ୱାଳ ପ୍ରତିଷେଧକ ସତର୍କତା ଉପରେ ଏକ ସୂଚନାପୂର୍ଣ୍ଣ ପ୍ରେଜେଂଟେସନ ଉପସ୍ଥାପନ କରିଥିଲେ। ଏହି ଆଲୋଚନାଚକ୍ର କର୍ମଶାଳା ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ପ୍ରଶ୍ନ ଓ ସନ୍ଦେହ ଦୂର କରିବା ସହ ଚୁକ୍ତିନାମା ପରିଚାଳନା ଏବଂ ପ୍ରତିଷେଧକ ସତର୍କତାର ବିଭିନ୍ନ ଦିଗ ବିଷୟରେ ମୂଲ୍ୟବାନ ଜ୍ଞାନ ହାସଲ କରିବାର ସୁଯୋଗ ପ୍ରଦାନ କରିଥିଲା ।